EXPRESSES THE TRUTH

# ଓଡ଼ିଶା ସନ୍ଦେଶ

ODISHA SANDESH

Weekly
ସାପ୍ତାହିକ

ପ୍ରକାଶ କରେ କେବଳ ସତ୍ୟ

/Odisha Sandesh

RNI NO : ODIODI/2006/19914

Website : www.odishasandesh.in
E-mail:odishasandesh.news@gmail.com

● ବର୍ଷ- ୧୬ ● ସଂଖ୍ୟା-୨୩● ଭୁବନେଶ୍ୱର ● ଫେବୃଆରୀ ୨୧-୨୭,୨୦୨୨ ● ପୃଷ୍ଠା -୮● ମୂଲ୍ୟ- ୩.୦୦ ଟଙ୍କା ● Vol -16 ● Issue - 23● Bhubaneswar ● February21-27, 2022 ● Page- 8 ● ₹ .3.00


ରୋହିତ ଶର୍ମା ହେଲେ ଟେଷ୍ଟ ଅଧିନାୟକ



ପୃଷ୍ଠା-୭

ଚେରୀ କୋଳି ଅନିଦ୍ରା ଦୂର କରେ



ପୃଷ୍ଠା-୬

# ଶ୍ରୀଜୀଉଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି ରାମନାଥ କୋବିନ୍ଦ

ପୁରୀ, (ସଂଦେଶ ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ତାଳବଣିଆ ଠାରୁ ଆରମ୍ଭ କରି ବଡଦାଣ୍ଡ ଦେଇ ଶ୍ରୀମନ୍ଦିର ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ବରିଷ୍ଠ ପୋଲିସ ଅଧିକାରୀଙ୍କ ଠାରୁ ଆରମ୍ଭ କରି ୪୦ ପ୍ଲାଟୁନ୍ ପୋଲିସ କର୍ମୀ ନିୟୋଜିତ ହୋଇଛନ୍ତି । ପୁରୀ ତାଳବଣିଆ ଠାରେ ବାୟୁସେନାର ସ୍ୱତନ୍ତ୍ର ହେଲିକ୍ୟାପ୍ଟରରେ ଯାଇ ଅବତରଣ କରିବା ପରେ ତାଙ୍କୁ ପାଛୋଟି ନେଇଛନ୍ତି ରାଜ୍ୟପାଳ ଗଣେଶୀ ଲାଲ୍ । ହେଲିପ୍ୟାଡରୁ ସିଧାସଳଖ ଚକ୍ରତୀର୍ଥ ରୋଡ଼ ଦେଇ ରାଜଭବନ ଅଭିମୁଖେ ଯାତ୍ରା କରିଥିଲେ ରାଷ୍ଟ୍ରପତି । ସେଠାରେ କିଛି ସମୟ ବିଶ୍ରାମ



କରିବା ପରେ ରାଜଭବନରୁ ବାହାରି ସୁବାଷ ବୋଷ ଛକ, ଭିଆଇପି ରୋଡ଼ ଦେଇ ମେଡ଼ିକାଲ ଛକ, ବଳଗଣ୍ଡି ଛକ ମାର୍କେଟ ଛକ, ମର୍ଚ୍ଚିକୋଟ ଛକ ଦେଇ ସିଂହଦ୍ୱାର ନିକଟରେ ପହଂଚିଥିଲେ । ସିଂହଦ୍ୱାର ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼ଃ. କ୍ରିଷନ କୁମାର, ଜିଲ୍ଲାପାଳ ସମର୍ଥ ବର୍ମା ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ । ସିଂହଦ୍ୱାର ଠାରୁ ବାଇଶି ପାହଚ ଦେଇ ସାତପାହଚ ନିକଟରେ ପହଂଚି ଥିଲେ ରାଷ୍ଟ୍ରପତି । ସେଠାରୁ ନାଟ ମଣ୍ଡପ, ଗରୁଡ଼ ସ୍ତମ୍ଭ, ଜୟ ବିଜୟ ଦ୍ୱାର, ଜଗମୋହନ, କଳାହାଟ ଦ୍ୱାର ଦେଇ ଗର୍ଭଗୃହ ମଧ୍ୟକୁ ପ୍ରବେଶ କରିଥିଲେ । ଗର୍ଭଗୃହରେ ରତ୍ନ ସିଂହାସନ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ । ଦର୍ଶନ ପରେ ବେହେରଣ ଦ୍ୱାର ଠାରେ ଛତିଶା ନିଯୋଗ ପକ୍ଷରୁ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରାଯାଇଥିଲା । ପରେ ଭିତର ବେଢ଼ାରେ ଥିବା ମା ବିମଳାଙ୍କ ମନ୍ଦିର ଓ ମା ମହାଲକ୍ଷ୍ମୀଙ୍କ ମନ୍ଦିର ଦର୍ଶନ କରିଥିଲେ । ପରେ କିର୍ତନ ଚକଡ଼ା ଦେଇ ବାଇଶି ପାହଚ ଅତିକ୍ରମ କରିବା ପରେ ସିଂହଦ୍ୱାରରେ ପ୍ରସ୍ଥାନ କରିଥିଲେ ।ସୁରକ୍ଷା ଦୃଷ୍ଟିରୁ ୪୦ପ୍ଲାଟୁନ ଫୋର୍ସ ଓ ୨ଶହ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା ।

# କରୋନା ମହାମାରୀରୁ ବିଶ୍ୱକୁ ମୁକ୍ତି ଦେବାକୁ ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କଲେ ରାଷ୍ଟ୍ରପତି





ପୁରୀ,(ସଂଦେଶ ବ୍ୟୁରୋ): କରୋନା ମହାମାରୀ କବଳରୁ ବିଶ୍ୱକୁ ମୁକ୍ତି ଦେବା ଲାଗି ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ । ଗୌଡୀୟ ମିସନର ପ୍ରତିଷ୍ଠାତା ଶ୍ରୀମଦ୍ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ଜନ୍ମଜୟନ୍ତୀର ତୃତୀୟ ବାର୍ଷିକୀ ପାଳନ ଶୁଭାରମ୍ଭ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଯୋଗଦେବା ଅବସରରେ ଉଦବୋଧନ ଦେଇ କହିଛନ୍ତି, ବିଶ୍ୱର ବିଭିନ୍ନ ଆସ୍ଥା ପଛରେ ଈଶ୍ୱର ଭକ୍ତି ରହିଛି । ମାନବତାକୁ ଆସ୍ଥା ଆଧାରରେ ବାଣ୍ଟି ହେବନି । ସତ୍ୟ ଏକ, ଏହାକୁ ବାଣ୍ଟି ହେବ ନାହିଁ ।ବ୍ୟକ୍ତିକୁ ସବୁ ବେଳେ ଈଶ୍ୱରଙ୍କ ସ୍ମରଣ କରିବା ଉଚିତ । ସେ ତାଙ୍କ ଭାଷଣରେ ଚୈତନ୍ୟ ମହାପ୍ରଭୁଙ୍କ ମହାଭାବ ସଂପର୍କରେ ବର୍ଣ୍ଣନା କରିଥିଲେ । ଏଥିସହ ଭକ୍ତ ମୀରାବାଈ, କବୀର ଓ ସୁରଦାସ, ସନ୍ଥ ତୁଳସୀ ଦାସ, ଶ୍ରୀରାମାନୁଜାଚାର୍ଯ୍ୟ, ଗୁରୁ ନାନକ, ଶଙ୍କର ଦେବ, ନରସୀ ମେହତା, ନାରାୟଣ ଭଟ୍ଟ, ସନ୍ଥ ତୁକାରାମ, ଏକନାଥ, ଜ୍ଞାନେଶ୍ୱରଙ୍କୁ ଆଦିଙ୍କୁ ବି ସ୍ମରଣ କରିଛନ୍ତି ରାଷ୍ଟ୍ରପତି ।

## ଶ୍ରୀମଦ୍ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ଜନ୍ମଜୟନ୍ତୀର ତୃତୀୟ ବାର୍ଷିକୀ ପାଳନ

ଗୌଡୀୟ ମିସନର ପ୍ରତିଷ୍ଠାତା ଶ୍ରୀମଦ୍ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ଜନ୍ମଜୟନ୍ତୀର ତୃତୀୟ ବାର୍ଷିକୀ ପାଳନ ଶୁଭାରମ୍ଭ ଉତ୍ସବରେ ରାଷ୍ଟ୍ରପତିଙ୍କ ସହ ତାଙ୍କର ପତ୍ନୀ ତଥା ଦେଶର ପ୍ରଥମ ମହିଳା ସବିତା କୋବିନ୍ଦ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବି ଉପସ୍ଥିତ ଥିଲେ । ଏହି ଅବସରରେ ଏକ ସ୍ମରଣିକାକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଉନ୍ମୋଚନ କରିଛନ୍ତି । ବିଶ୍ୱ ବୈଷ୍ଣବ ସମ୍ମିଳନୀକୁ ଉଦ୍‌ଘାଟନ କରିବା ପୂର୍ବରୁ ରାଷ୍ଟ୍ରପତି ଶ୍ରୀଚୈତନ୍ୟ ଗୌଡୀୟ ମଠକୁ ଯାଇଥିଲେ । ପୂର୍ବାହ୍ନ ୧୦ଟା ୩୫ରେ ସେଠାରେ ପହଞ୍ଚିଥିଲେ । ସେଠାରେ ➲ପୃଷ୍ଠା-୭ ଦେଖନ୍ତୁ





## ଓଡ଼ିଶା ଛାଡ଼ିଲେ ରାଷ୍ଟ୍ରପତି



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଦୁଇ ଦିନିଆ ଓଡିଶା ଗସ୍ତ ସାରି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଫେରିଯାଇଛନ୍ତି । ଭୁବନେଶ୍ୱର ବିମାନବନ୍ଦରରୁ ରାଷ୍ଟ୍ରପତି ସିଧାସଳଖ ବିଶାଖାପାଟଣା ଅଭିମୁଖେ ଯାଇଛନ୍ତି । ଭୁବନେଶ୍ୱର ବିମାନ ବନ୍ଦରରେ ➲ପୃଷ୍ଠା-୭ ଦେଖନ୍ତୁ

## ହାରିବା ଭୟରେ ନିର୍ବାଚନୀ ହିଂସା କରୁଛି ବିଜେପି: ପ୍ରଣବ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ବିଜେଡି ସବୁ ବେଳେ ଅହିଂସାରେ ବିଶ୍ୱାସ କରେ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ଦ୍ୱାରା ହିଁ ଗଣତନ୍ତ୍ରକୁ ସୁଦୃଢ କରାଯାଇ ପାରିବ ବୋଲି କହିଛନ୍ତି ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଏବଂ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ।

ନିର୍ବାଚନୀ ହିଂସାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଟୁଇଟ୍‌ର ଜବାବ ଦେଇ ଶ୍ରୀ ଦାସ କହିଛନ୍ତି ଯେ ଦୁଃଖର କଥା ହେଉଛି ଓଡିଶାର ପ୍ରମୁଖ ବିରୋଧୀ ଦଳ ବିଜେପି, ଚଳିତ ପଞ୍ଚାୟତ ନିର୍ବାଚନରେ ହାରିବା ଭୟରେ ନିର୍ବାଚନୀ ହିଂସା କରୁଛି । ବିଜେପି ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର ସରକାରୀ କର୍ମଚାରୀଙ୍କୁ ଧମକାଉଛନ୍ତି । ➲ପୃଷ୍ଠା-୭ ଦେଖନ୍ତୁ

# ଲିଙ୍ଗରାଜଙ୍କୁ ଦର୍ଶନ କରି ବିରୋଧୀଙ୍କ ମୁହଁ ଚୁପ୍‌କଲେ ମୁଖ୍ୟମନ୍ତ୍ରୀ









ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଅପରାହ୍ନରେ ଲିଙ୍ଗରାଜ ମନ୍ଦିର ଯାଇ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିଛନ୍ତି । ଏଥି ସହିତ ପୂଜାର୍ଚ୍ଚନା ମଧ କରିଛନ୍ତି । ମୁଖ୍ୟମନ୍ତ୍ରୀ ଗସ୍ତ ପାଇଁ ମନ୍ଦିର ଚାରିପଟେ କଡ଼ାସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିବା ସହିତ ଏକାମ୍ର ପ୍ରକଳ୍ପର ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ ପାଖାପାଖି ୧୫ ମିନିଟ ପର୍ଯ୍ୟନ୍ତ ଲିଙ୍ଗରାଜ ମନ୍ଦିର ପରିସରରେ ରହିଥିଲେ । ମୁଖ୍ୟମନ୍ତ୍ରୀ ଲିଙ୍ଗରାଜ ମନ୍ଦିର ପରିସରରେ ପହଂଚିଲା ପରେ ସେଠାରେ ମନ୍ଦିର ସେବାୟତ ଓ ମନ୍ଦିର ପ୍ରଶାସନ କର୍ତ୍ତୃପକ୍ଷ ମୁଖ୍ୟମନ୍ତ୍ରୀ ନବୀନଙ୍କୁ ସ୍ୱାଗତ ଜଣାଇବା ସହ ତାଙ୍କୁ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ ।

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମ୍ବାଦିକଙ୍କୁ ନିଜର ପ୍ରତିକ୍ରିୟା ଦେଇଛନ୍ତି । ସ୍ୱାସ୍ଥ୍ୟ ଉପରେ ପ୍ରଚାର ହେଉଥିବା ଗୁଜବ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିର୍ବାଚନ ସମୟରେ ମୋ ସ୍ୱାସ୍ଥ୍ୟ ନେଇ ଗୁଜବ କରାଯାଉଛି । କିନ୍ତୁ ମୁଁ ସଂପୂର୍ଣ୍ଣ ସୁସ୍ଥ ଅଛି । ➲ପୃଷ୍ଠା-୭ ଦେଖନ୍ତୁ

# ଜୀବନ ଧାରଣମାନ ଉନ୍ନତି ଆଣିବାକୁ ହେଲେ ଦକ୍ଷ ନେତୃତ୍ୱ ଏବଂ ସୁଦୃଢ ଜିଲ୍ଲା ପରିଷଦ ଗଠନର ଆବଶ୍ୟକତା ରହିଛି :ସମୀର



କଟକ(ନିଆଳି) / ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନ ମଣ୍ଡି ବ୍ୟବସ୍ଥା କାରଣରୁ ନିଆଳି ଅଂଚଳର ଚାଷିକୂଳ ନିଜ କଷ୍ଟ ଉପାର୍ଜିତ ଧାନକୁ ଅଳ୍ପ ମୁଲ୍ୟରେ ମିଲରଙ୍କୁ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି । ରାଜ୍ୟରେ ମହିଳା ଓ ଶିଶୁମାନେ ଆଜି ଅସୁରକ୍ଷିତ ହୋଇପଡିଛନ୍ତି ।। ନିଆଳିର ଜନତା ବର୍ତମାନ ପରିବର୍ତନ ମୁହାଁ ହୋଇଛନ୍ତି । ଚଳିତ ପଂଚାୟତ ନିର୍ବାଚନରେ ସମଗ୍ର ଓଡିଶାବାସୀ ଶାସକ ବିଜେଡିକୁ ଏହାର ଉଚିତ୍ ଜବାବ୍ ଦେବେ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ପଂଚାୟତ ନିର୍ବାଚନ ପ୍ରଚାର ଅବସରରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି କଟକ ଜିଲ୍ଲା ନିଆଳିର ଜୋନ-୨୨ର ନୁଆଗାଁ, ନିଆଳି, ଜଲ୍ଲାରପୁର, କପାସୀ, ବାହାରଣା ପଂଚାୟତର ବିଭିନ୍ନ ଗ୍ରାମଂଚଳରେ ଦଳୀୟ ପ୍ରାର୍ଥିନୀ ମଧୁସ୍ମିତା ମଲ୍ଲିକ(ରୋଜୀ)ଙ୍କ ସପକ୍ଷରେ ଭୋଟ ପ୍ରଚାର କରିଛନ୍ତି । ଏହି ପ୍ରଚାରବେଳେ ଶ୍ରୀ ମହାନ୍ତି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗାଁର ବିକାଶ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ କରିଥିବାବେଳେ ରାଜ୍ୟ ସରକାରଙ୍କ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର କାରଣରୁ ଓଡିଶାବାସୀ କେନ୍ଦ୍ରୀୟ ଯୋଜନାର ସୁଫଳ ପାଇବାରୁ ଲୋକେ ବଂଚିତ ହେଉଛନ୍ତି । ଗାଁରେ ଭଲ ରାସ୍ତା ନାହିଁ। କେନ୍ଦ୍ରରୁ ଆସୁଥିବା ଅର୍ଥକୁ ବିଜୁ ଜନତା ଦଳର ନେତା ଓ ମନ୍ତ୍ରୀ ଖାଇ ଅଂଚଳର ନୁହଁ ନିଜର ସ୍ଥିତିକୁ ସୁଧାରୁଛନ୍ତି। ମିଛ ବିଲ୍ କରି କେନ୍ଦ୍ରରୁ ଆସୁଥିବା କୋଟି କୋଟି ଟଙ୍କା ବିଜେଡିର ସ୍ଥାନୀୟ ନେତା ଓ କର୍ମୀମାନେ ନିଜ ଭିତରେ ବାଂଟି ନେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ସମେତ ଅନେକ କେନ୍ଦ୍ରୀୟ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କ ପରିବର୍ତେ ଦଳୀୟ ଭିତିରେ ଧନୀ ବିଜେଡି କର୍ମୀଙ୍କୁ ବଂଟନ କରି ଗରୀବ ଜନତାଙ୍କୁ ପ୍ରତାରଣା କରୁଛନ୍ତି ରାଜ୍ୟ ସରକାର । ରାଜ୍ୟର ଗ୍ରାମଂଚଳର ବିକାଶ ପାଇଁ ମୋଦି ସରକାର ପଠାଉଥିବା ଟଙ୍କାକୁ ଶତ ପ୍ରତିଶତ ଖର୍ଚ୍ଚ କରି ଜୀବନ ଧାରଣମାନ ଉନ୍ନତି ଆଣିବାକୁ ହେଲେ ଦକ୍ଷ ନେତୃତ୍ୱ ଏବଂ ସୁଦୃଢ ଜିଲ୍ଲା ପରିଷଦ ନେତୃତ୍ୱର ଆବଶ୍ୟକତା ରହିଛି ।

# କଟକ ଜିଲ୍ଲା ବାଙ୍କୀରେ ରାଜ୍ୟ ବିଜେପି ସଭାପତିଙ୍କ ନିର୍ବାଚନୀ ପ୍ରଚାର



କଟକ (ବାଙ୍କୀ) / ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଗ୍ରାମଂଚଳର ବିକାଶ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ କରିଥିବାବେଳେ ରାଜ୍ୟ ସରକାରଙ୍କ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର କାରଣରୁ ଓଡିଶାବାସୀ କେନ୍ଦ୍ରୀୟ ଯୋଜନାର ସୁଫଳ ପାଇବାରୁ ବଂଚିତ ହେଉଛନ୍ତି । ଗ୍ରାମସଭା, ପଲ୍ଲୀସଭା ନକରାଯାଇ ଗ୍ରାମାଂଚଳ ବିକାଶରେ ବାଧା ସୃଷ୍ଟି କରାଯାଉଛି । ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ଆସୁଥିବା କେନ୍ଦ୍ରୀୟ ଅନୁଦାନକୁ ମିଳିମିଶି ସ୍ଥାନୀୟ ବିଜେଡି ନେତାମାନେ ହରିଲୁଟ୍ କରୁଛନ୍ତି । ମୋଦି ଶାସନରେ ୧୪ଦଶ ଓ ୧୫ଦଶ ଅର୍ଥ କମିଶନରେ ସିଧାସଳଖ ପଂଚାୟତକୁ ଆସିଥିବା ବ୍ୟାପକ ମାତ୍ରାର ଅର୍ଥକୁ ଶାସକ ବିଜେଡିର ମନ୍ତ୍ରୀ, ନେତାମାନେ ହରିଲୁଟ୍ କରିଛନ୍ତି । ଦଳୀୟ ଆଧାରରେ ପକ୍କାଘର ଆବଂଟନ କରାଯାଇ ପ୍ରକୃତ ଗରୀବ ବାସହୀନଙ୍କୁ ପ୍ରତାରଣା କରିଛି ଶାସକ ବିଜେଡି । ବାଙ୍କୀ ଅଂଚଳ ବନ୍ୟା ପ୍ରଭାବିତ ହୋଇଥିବା କାରଣରୁ ପ୍ରତି ବର୍ଷ ବନ୍ୟା କାରଣରୁ ଅଂଚଳବାସୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଉଛି । ବର୍ଷା ଜଳ ସଂରକ୍ଷଣ କରି ଚାଷ ଉପଯୋଗୀ କରିବା ପାଇଁ ଦୀର୍ଘ ୨୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରାଜ୍ୟ ସରକାରଙ୍କ କୌଣସି ଉଦ୍ୟମ କରିନାହାନ୍ତି । ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନ ମଣ୍ଡି ବ୍ୟବସ୍ଥା କାରଣରୁ ଚାଷିକୂଳ ନିଜ କଷ୍ଟ ଉପାର୍ଜିତ ଶସ୍ୟକୁ ଅଳ୍ପ ମୁଲ୍ୟରେ ମିଲରଙ୍କୁ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି । ମହିଳା ଓ ଶିଶୁମାନେ ଆଜି ଅସୁରକ୍ଷିତ ହୋଇପଡିଛନ୍ତି । ବିଜେଡି ନେତା ଓ କର୍ମୀମାନେ ଠିକାଦାର ସାଜି ସରକାରୀ ଅର୍ଥକୁ ମିଳିମିଶି ହଡପ୍ କରୁଛନ୍ତି । ସାଧାରଣ ଜନତା ବର୍ତମାନ ପରିବର୍ତନ ମୁହାଁ ହୋଇଛନ୍ତି । ଚଳିତ ପଂଚାୟତ ନିର୍ବାଚନରେ ସମଗ୍ର ଓଡିଶାବାସୀ ଶାସକ ବିଜେଡିକୁ ଏହାର ଉଚିତ୍ ଜବାବ୍ ଦେବେ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି ।

# ନିର୍ବାଚନ ଅବସରରେ ଗଣମାଧ୍ୟମର ସ୍ୱାଧୀନତା ଅକ୍ଷୁର୍ଣ୍ଣ ରହିବ : ନିର୍ବାଚନ ଆୟୁକ୍ତ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ପଞ୍ଚାୟତ ନିର୍ବାଚନ ଅବସରରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆବଶ୍ୟକୀୟ ସୁରକ୍ଷା ପ୍ରଦାନ ଓ ନିର୍ବିରୋଧ ଖବର ସଂଗ୍ରହ ନିମିତ୍ତି ନିର୍ଦ୍ଦେଶନାମା ଜାରି ପାଇଁ ରାଜ୍ୟ ନିର୍ବାଚନ ଆୟୁକ୍ତ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଭେଟିଲା ଉତ୍କଳ ସାମ୍ବାଦିକ ସଂଘ ।

ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟରେ ଶ୍ରୀଯୁକ୍ତ ପାଢୀଙ୍କୁ ଭେଟି ଆଲୋଚନା କରିଥିଲେ । ନିର୍ବାଚନ ଅବସରରେ ଖବର ସଂଗ୍ରହକୁ ନେଇ କଣାସ, ପିପିଲି, କଟକ ସଦର, ଚାନ୍ଦବାଲି ସମେତ ବିଭିନ୍ନ ଅଞ୍ଚଳରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ସହ ଖବର ସଂଗ୍ରହରେ ସ୍ଥାନୀୟ ବୁଥ୍ ଅଧିକାରୀ ଓ ପୋଲିସ୍ ପକ୍ଷରୁ ବିରୋଧର ଚିତ୍ର ସାମ୍ନାକୁ ଆସିଛି । ଏପରିକି ଚାନ୍ଦବାଲିସ୍ଥିତ ବୁଥ୍ ଦାୟିତ୍ୱରେ ଥିବା ଅଧିକାରୀ ଖବର ସଂଗ୍ରହ ପାଇଁ ନିର୍ବାଚନ ଆୟୁକ୍ତଙ୍କ ଅନୁମତି ପତ୍ର ଲୋଡ଼ିବା ସାମ୍ବାଦିକଙ୍କ ଅଧିକାର ପ୍ରତି ଆହ୍ୱାନ ସୃଷ୍ଟି କରିଛି ବୋଲି ଅଭିଯୋଗ କରିଥିଲେ । ନିର୍ବାଚନ ଆୟୁକ୍ତ ସମସ୍ତ ଅଭିଯୋଗକୁ ଧୈର୍ଯ୍ୟର ସହ ଶୁଣିବା ସହିତ ନିର୍ବାଚନ ସମୟରେ ଖବର ପ୍ରସାରଣରେ ଗଣମାଧ୍ୟମର ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ କୌଣସି ବାଧାକୁ ବରଦାସ୍ତ ରଖାଯିବ ବୋଲି କହିଥିଲେ । ଯଦି ସେଭଳି କୌଣସି ଘଟଣା ଦୃଷ୍ଟିକୁ ଆସେ, ତେବେ ସେମାନଙ୍କ ବିରୁଦ୍ଧରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀଯୁକ୍ତ ପାଢୀ ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏହି ସମୟରେ ଆୟୁକ୍ତଙ୍କ ସଚିବ ରବିନାରାୟଣ ସାହୁ ଓ ଉପ ସଚିବ ଆଜାଦ୍‌ହିନ୍ଦ ପାଣିଗ୍ରାହୀ ମଧ ଉପସ୍ଥିତ ଥିଲେ । ସଂଘ ପକ୍ଷରୁ ଏହି ଆଲୋଚନା ବେଳେ ଜାତୀୟ ପରିଷଦ ସଦସ୍ୟ ବୈଷ୍ଣବ ଚରଣ ଜେନା, ପପୁ ମହାନ୍ତି, ସନତ ମିଶ୍ର, ପ୍ରଦ୍ୟୁମ୍ନ ମହାନ୍ତି, ଅଶୋକ ସାହୁ, ସଂଘର ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, କୋଷାଧକ୍ଷ ରାଜନେ ଚୌଧୁରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ସାହୁ, ଭୁବନେଶ୍ୱର ଜିଲ୍ଲା ସଭାପତି ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଏନ୍.ଟି.ଏସ୍.ଇ.ଚୂଡାନ୍ତ ପରୀକ୍ଷାଫଳ ପ୍ରକାଶିତ

# ଡିଏଭି କଳିଙ୍ଗନଗରର ତିନି ଜାତୀୟ ମେଧାବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ


ପ୍ରିୟାଂଶୁ ପଣ୍ଡା


ଆଦ୍ୟାଂଶୁ ବେଉରା


ଶୁଭମ୍ ସୌମ୍ୟରଞ୍ଜନ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଭାରତ ସରକାରଙ୍କ ଅଧୀନସ୍ଥ ଏନ୍.ସି.ଇ.ଆର.ଟି ଦ୍ୱାରା ପରିଚାଳିତ ଜାତୀୟସ୍ତରୀୟ ମେଧାବୃତ୍ତି ୨୦୨୦-୨୧ରଚୂଡାନ୍ତ ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ସ୍ଥାନୀୟ ଡିଏଭିପବ୍ଲିକସ୍କୁଲ କଳିଙ୍ଗନଗରର ତିନି ଛାତ୍ର ପ୍ରିୟାଂଶୁ ପଣ୍ଡା, ଆଦ୍ୟାଂଶୁ ବେଉରା ଓ ଶୁଭମ୍ ସୌମ୍ୟରଞ୍ଜନ କୃତିତ୍ୱର ସହଉତୀର୍ଣ୍ଣ ହୋଇ ଏହି ସମ୍ମାନଜନକ ମେଧବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି ପରୀକ୍ଷାରେ ନିଜର କଠିନ ଅଧ୍ୟବସାୟ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନ ଓ ପିତାମାତାଙ୍କ ପ୍ରେରଣାରେସମଗ୍ର ଦେଶରୁ ଯୋଗ୍ୟ ବିବେଚିତ ଦୁଇହଜାର କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଥାନ ପାଇ ଏହିତିନି ଛାତ୍ର ସେମାନଙ୍କ ପାଠପଢା ସମାପ୍ତ ହେବା ପର୍ଯ୍ୟନ୍ତ ଏହି ବୃତ୍ତି ଯଥା ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ବାର୍ଷିକ ୧୫୦୦୦ ଟଙ୍କା, ସ୍ନାତକ ଓ ସ୍ନାତକତ୍ତୋର ପାଇଁ ୨୪୦୦୦ ଟଙ୍କା ଏବଂ ପି.ଏଚ୍.ଡି ପାଇଁ ୟୁ.ଜି.ସି ର ଗାଇଡ୍‌ଲାଇନ୍ ଅନୁଯାୟୀ ଅର୍ଥରାଶି ପାଇବେ । ଏଠାରେ ପ୍ରକାଶ ଯୋଗ୍ୟଯେ ବିଦ୍ୟାଳୟର ଦ୍ୱିତୀୟ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ଚାରି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ତିନିଜଣ କୃତକାର୍ଯ୍ୟ ହେବା ଏକ ସମ୍ମାନର ବିଷୟ । କୃତୀଛାତ୍ରମାନଙ୍କ ଏହି ଅନନ୍ୟ ସଫଳତାରେ ଡି.ଏ.ଭି ବିଦ୍ୟାଳୟ ସମୂହ ଜୋନ-୧ର ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀଯୁକ୍ତ କେଶବଚନ୍ଦ୍ର ଶତପଥୀ, ବିଦ୍ୟାଳୟର ଚେୟାରମ୍ୟାନ ଶ୍ରୀଯୁକ୍ତ ମଦନ ମୋହନ ପଣ୍ଡା ଓ ଅଧକ୍ଷ ଶ୍ରୀଯୁକ୍ତ ବିପିନ କୁମାରସାହୁ ଅଭିନନ୍ଦନ ଜ୍ଞାପନ କରିସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାଧୁବାଦ ଜଣାଇଛନ୍ତି ।

# ପଞ୍ଚାୟତ ନିର୍ବାଚନ ସମୟରେ ମିଶନ ଶକ୍ତିର କାର୍ଯ୍ୟକଳାପକୁ ସନ୍ଦେହ : ବିଜେପି




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଶାସକ ବିଜେଡିକୁ ପରାଜୟର ଭୟ ଘାରିଥିବାରୁ ମିଶନ ଶକ୍ତି ନାଁରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପଂଚାୟତ ନିର୍ବାଚନ କାର୍ଯ୍ୟରେ ବିଜେଡି ବ୍ୟବହାର କରୁଛି ବୋଲି ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ, ଚଳିତ ପଂଚାୟତ ନିର୍ବାଚନ ସମୟରେ ମିଶନ ଶକ୍ତିର କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିଛି । ମହିଳା ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ମିଶନ ଶକ୍ତି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ଭୁଲିଯାଇ ପଞ୍ଚାୟତ ନିର୍ବାଚନରେ ଶାସକ ଦଳ ସପକ୍ଷରେ ଭୋଟ ପ୍ରଚାର କରୁଛି । ଡିପିଏମ (ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ ମ୍ୟାନେଜର), ବିପିଏମ(ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର), ଏମବିକେ, ସିଆରପିମାନଙ୍କୁ ରାଜନୈତିକ କର୍ମୀଭାବେ ଶାସକ ଦଳ ପାଇଁ ଭୋଟ ସଂଗ୍ରହ କାର୍ଯ୍ୟରେ ଲଗାଉଛନ୍ତି ମିଶନ ଶକ୍ତିର ରାଜ୍ୟସ୍ତରୀୟ ଅଧିକାରୀମାନେ । ଏସଏଚଜି ଗ୍ରୁପମାନଙ୍କୁ ଏବେ ୨୫ହଜାର ଟଙ୍କା ଋଣ ଭାବରେ ସରକାର ଦେଉଛନ୍ତି, କିନ୍ତୁ ଏହା ବିଜୁ ଜନତା ଦଳ ଦେଉଛି ବୋଲି ମିଶନ ଶକ୍ତି ଅଧିକାରୀମାନେ ପ୍ରଚାର କାର୍ଯ୍ୟ କରୁଛନ୍ତି । ନିର୍ବାଚନ ସମୟରେ ଋଣ ବାବଦକୁ ୨୫ହଜାର ଦିଆଯିବାର ପ୍ରଚାର କରିବା ସଂପୂର୍ଣ୍ଣ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଏବଂ ନିର୍ବାଚନ ଚାଲୁଥିବା ସମୟରେ ଏକଥା ନିର୍ବାଚନ ଆଚରଣ ବିଧିକୁ ଉଲଘଂନ କରୁଥିବା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି ।

# କିରଣ ଶଙ୍କର ସାହୁଙ୍କ ସ୍ମୃତି ଚାରଣ ସଭା



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡ଼ିଶା ସାମାଜିକ ସଂଗଠନ ସମୂହ ତରଫରୁ ଅବସରପ୍ରାପ୍ତ ଉଇଙ୍ଗ କମାଣ୍ଡର, ମାଟି ମନସ୍କ ତଥା କେନ୍ଦୁଝରର ଭୂମିପୁତ୍ର ସ୍ୱର୍ଗତ ଇଂ କିରଣ ଶଙ୍କର ସାହୁଙ୍କ ତ୍ରୟୋଦଶାଃରେ ସାମାଜିକ କର୍ମୀ ସଚ୍ଚିକାନ୍ତ ପ୍ରଧାନ ଆବାହାକତ୍ୱ ଏକ ସ୍ମୃତି ଚାରଣ ସଭା, ଭୁବନେଶ୍ୱର ସ୍ଥିତ ଲୋହିଆ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ୧୯୪୦ ସେପ୍ଟେମ୍ବର ୧୧ରେ ମୟୂରଭଞ୍ଜ ଜିଲ୍ଲାରେ କରଞ୍ଜିଆରେ ଜନ୍ମିତ କିରଣ ଶଙ୍କର ସାହୁ ମାଟି ମା'ର ସେବା ପାଇଁ ୧୯୮୯ ସ୍ୱେଚ୍ଛାକୃତ ଅବସର ନେଇ ଉତର ଓଡ଼ିଶାର ସାମଗ୍ରିକ ବିକାଶ କେନ୍ଦୁଝର ସହରକୁ ନିଜର କର୍ମଭୂମୀ ଭାବରେ ଚୟନ କରିଥିଲେ । କେନ୍ଦୁଝର ସିଟି ଜେନ ଫୋରମ୍ ଗଠନ କରି ଆଦିବାସୀ ମୂଳକର ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, କେନ୍ଦୁଝର ଏବଂ ମୟୁରଭଞ୍ଜ ଜିଲ୍ଲାରେ ପ୍ରବାହିତ ନଦୀମାନଙ୍କର ସୁରକ୍ଷା, ଅବୈଧ ଜଙ୍ଗଲ କାଟିବା ବିରୋଧ ପ୍ରଶାସନ ତାଗିଦ୍ କରିବା, ଖଣିଜ ଉତ୍ତୋଳନ ଅଂଚଳ ଅଧିବାସୀ ସର୍ବାଙ୍ଗୀନ ଉନ୍ନତି ପାଇଁ ଅହରହ ସଂଗ୍ରାମ କରିଚାଲିଥିଲେ ।

# ପ୍ରସ୍ତାବିତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବିରୋଧରେ ସମାଜବାଦୀ ପାର୍ଟିର ଗଣବିକ୍ଷୋଭ ଓ ସ୍ମାରକ ପତ୍ର ପ୍ରଦାନ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ପ୍ରସ୍ତାବିତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ବିରୋଧ କରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମଗ ଆୟୋଗ (ଓ.ଇ.ଆର.ସି.) ଅଫିସ୍ ସମ୍ମୁଖରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଗତ ୧୫ ତାରିଖ ଠାରୁ ଓ.ଇ.ଆର.ସି. ପକ୍ଷରୁ ବିଭିନ୍ନ ବିଜୁଳି କମ୍ପାନୀମାନଙ୍କର ଜନଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଆଜି ଗ୍ରୀଡ୍‌କୋ ପକ୍ଷରୁ ଓ.ଇ.ଆର.ସି. ସମ୍ମୁଖରେ ବିଦ୍ୟୁତ୍ ଶୁଳ୍କକୁ ୨୯୬.୨୦ ପଇସାରୁ ୩୮୩.୨୧ ପଇସାକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରଖାଯାଇ ଜନଶୁଣାଣି କରାଯାଇଥିଲା । ଗ୍ରୀଡ୍‌କୋର ଏହି ଜନବିରୋଧୀ ଜନଶୁଣାଣି ବିରୁଦ୍ଧରେ ସମାଜବାଦୀ ପାର୍ଟି ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯିବା ସହିତ ଆଗାମୀ ଦିନରେ ଟାଟା ଜନଶୁଣାଣିକୁ ମଧ ବିରୋଧ କରାଯିବ ବୋଲି ପାର୍ଟି ପକ୍ଷରୁ ଘୋଷଣା କରାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବନ୍ଦ କର, ଟ୍ରାନ୍ସମିଶନ କ୍ଷତିକୁ ଗ୍ରାହକଙ୍କ ଉପରେ ଲଦିଦେବା ଚଳିବ ନାହିଁ, ବିପିଏଲ୍ ପରିବାରକୁ ୩୦୦ ୟୁନିଟ୍ ବିଜୁଳି ଛାଡ଼ ଆମର ଦାବି, ବିଜୁଳି କମ୍ପାନୀର ବାର୍ଷିକ ଆୟ ବ୍ୟୟ ଉପରେ ଶ୍ୱେତପତ୍ର ପ୍ରକାଶ ଆମର ଦାବି ଆଦି ସ୍ଲୋଗାନ ଦିଆଯାଇ ଏକ ଶୋଭାଯାତ୍ରା ଓ.ଇ.ଆର.ସି ଅଫିସ୍ ସମ୍ମୁଖରେ ପହଞ୍ଚି ଆୟୋଗର ସମ୍ପାଦକଙ୍କ ଜରିଆରେ କାର୍ଯ୍ୟକାରୀ ଅଧକ୍ଷଙ୍କୁ ଏକ ସ୍ମାରପତ୍ର ପ୍ରଦାନ କରାଯାଇଛି । ଯଦି ଏହି ଗଣବିକ୍ଷୋଭକୁ ବେଖାତିର କରି ଓଇଆରସି କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରନ୍ତି, ତେବେ ରାଜ୍ୟସ୍ତର ଠାରୁ ଆରମ୍ଭ କରି ଗାଁ ଗଣ୍ଡା ପର୍ଯ୍ୟନ୍ତ ଏହା ବିରୁଦ୍ଧରେ ଗଣଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସମାଜବାଦୀ ପାର୍ଟି ପକ୍ଷରୁ ଘୋଷଣା କରାଯାଇଛି ।

ଏଠାରେ ଉଲ୍ଲେଖ କରାଯାଇପାରେ କି, ୧୯୯୪-୯୫ ମସିହାରେ, ଆଜିକୁ ୨୭ବର୍ଷ ତଳେ ଓଡ଼ିଶାରେ ବିଦ୍ୟୁତ୍ ସଂସ୍କାର / ବିଦ୍ୟୁତ୍‌ର ଘରୋଇକରଣ ଆରମ୍ଭ ହୋଇଥିଲା । ସେତେବେଳେ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା କି, ଏହି ସଂସ୍କାର ଫଳରେ ରାଜ୍ୟବାସୀ ଶସ୍ତା ଓ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ ଗୁଣାତ୍ମକ ବିଜୁଳି ସେବା ପାଇପାରିବେ । ବିଦ୍ୟୁତ୍ ସରବରାହ ଜନିତ କ୍ଷତି/ ବିଦ୍ୟୁତ୍ ଚୋରି ରୋକାଯାଇ ପାରିଲେ ଶହ ଶହ କୋଟି ଟଙ୍କାର ରାଜସ୍ୱ ବଞ୍ଚାଯାଇ ପାରିବ । କିନ୍ତୁ ଦୁଃଖ ଓ କ୍ଷୋଭର ବିଷୟ, ବିଦ୍ୟୁତ୍ ସଂସ୍କାର ହେବାର ୨୭ ବର୍ଷ ପରେ ମଧ ପ୍ରତିବର୍ଷ ବିଜୁଳି ମହଙ୍ଗା ହେବାରେ ଲାଗିଛି । ବିଦ୍ୟୁତ୍ ସେବା ନିରବଚ୍ଛିନ୍ନ ଓ ଗୁଣାତ୍ମକ ହେବା ପରିବର୍ତ୍ତେ ଅଘୋଷିତ ବିଜୁଳି କାଟ ଓ ମିଞ୍ଜି ମିଞ୍ଜି ଆଲୁଅ ଯୋଗୁ ବିଦ୍ୟୁତ୍ ସେବା ବ୍ୟାହାତ ହେଉଛି । ରାଜ୍ୟର ଗ୍ରାମାଞ୍ଚଳ କଥା ନକହିବା ଭଲ, ଭାରତର ୧ ନମ୍ବର ସ୍ମାର୍ଟସିଟି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ମଧ ଘନ ଘନ ବିଜୁଳି କାଟ ହେଉଛି । ମିଟର ବଦଳାଇବା ନାମରେ ଟାଟା କମ୍ପାନୀ ପକ୍ଷରୁ ଗ୍ରାହକଙ୍କୁ ଶୋଷଣ କରାଯାଉଛି । ସରବରାହ ଜନିତ କ୍ଷତିକୁ ଭରଣା କରିବା ପାଇଁ ବିଦ୍ୟୁତ୍ କମ୍ପାନୀମାନେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିର ବୋଝକୁ ରାଜ୍ୟବାସୀଙ୍କ ଉପରେ କ୍ରମାଗତ ଭାବରେ ପ୍ରତିବର୍ଷ ଲଦି ଚାଲିଛନ୍ତି । ତେଣୁ ଏଭଳି ଏକ ପରିସ୍ଥିତି ଭିତର ଦେଇ ଓଡ଼ିଶା ଗତି କରୁଥିବା ବେଳେ ବିଦ୍ୟୁତ୍ ଆବଣ୍ଟନ କ୍ଷେତ୍ରରେ ପାଦ ଦେଇଥିବା କମ୍ପାନୀମାନେ ବିଜୁଳି କ୍ଷତି ନ କମାଇ, ଭିତିଭୂମିର ବିକାଶରେ ଟଙ୍କାଟିଏ ଖର୍ଚ୍ଚ ନକରି ନିଜର ଚୋରି ରୋକିବାର ବ୍ୟର୍ଥତା, ଅପାରଗତା ଓ ଦୁର୍ନୀତି ଯୋଗୁ ସମ୍ମୁଖୀନ ହେଉଥିବା କ୍ଷତିକୁ ରାଜ୍ୟର ୯୨ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କ ମୁଣ୍ଡ ଉପରେ ଲଦି ଦେଉଛନ୍ତି ।

# ପଞ୍ଚାୟତ ନିର୍ବାଚ୍ନ ଜନିତ ହିଂସା ନେଇ ରାଜ୍ୟ ନିର୍ବାଚ୍ନ ଆୟୋଗଙ୍କ ନିକଟରେ ଫେରାଦ ହେଲା କଂଗ୍ରେସ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଚ୍ଳିତ ପଞ୍ଚାୟତ ନିର୍ବାଚ୍ନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ବେଳେ ଉଭୟ ବିଜେଡି ବିଜେପି ସମର୍ଥିତ ଗୁଣ୍ଡାମାନଙ୍କ ଦ୍ୱାରା ସଙ୍ଗଠିତ ହିଂସା,ବୋମାମାଡ଼,ବୁଥ ରିଗିଂ, ଭୋଟ ବାକ୍ସ ଲୁଟ ଆଦି ଘଟଣାରେ ରାଜ୍ୟ ନିର୍ବାଚ୍ନ କମିଶନଙ୍କ ପାଖରେ ଫେରାଦ ହୋଇଛି କଂଗ୍ରେସ।ବୁଥ ରିଗିଂ ଭଳି ଅପରାଧୀଙ୍କ କାର୍ଯ୍ୟକଳାପରେ ସମ୍ପୃକ୍ତ ଗୁଣ୍ଡାମାନଙ୍କୁ ଗିରଫ କରିବା ସହିତ ଏହି ବୁଥ ଗୁଡିକରେ ପୁନଃ ମତଦାନ ପାଇଁ ଦାବି କରିଛି କଂଗ୍ରେସ। ପ୍ରଦେଶ କଂଗ୍ରେସ ର ଏକ ୬ ଜଣିଆ ଉଚ୍ଚ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚ୍ନ ଆୟୋଗଙ୍କ ପାଖରେ ଅଭିଯୋଗ କରି କହିଲେ କେଉଁଝର ଜିଲ୍ଲା ଘଷିପୁରା ବ୍ଲକର ରାମଚ୍ନ୍ଦ୍ରପୁର ଗ୍ରାମପଞ୍ଚାୟତ ଅଧୀନରେ




ରାମଚ୍ନ୍ଦ୍ରପୁର ବୁଥ ନମ୍ବର ୧୩,ବଦପଦନା ବୁଥ ନମ୍ବର ୭,୮,୯,୧୦ ରେ ବିଜେଡି ସମର୍ଥିତ ସରପଞ୍ଚ ପାର୍ଥି ପ୍ରଦୀପ୍ତ ସାହୁ ଓ ତାଙ୍କର ହାତଗଣତି ସମର୍ଥକଙ୍କ ଦ୍ୱାରା ବୁଥ ରିଗିଂ ବକରାଯାଇଛି।ଲୋକେ ଏହାର ବିରୋଧ କରି ପ୍ରିଜାଇଡିଂ ଅଫିସର ଓ ପର୍ଯ୍ୟବେକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ସେମାନେ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ।ଘଟଣାର ସମ୍ପର୍କରେ ସ୍ଥାନୀୟ ପୋଲିସ କୁ ଅଭିଯୋଗ କରାଯାଇଛି କିନ୍ତୁ ପୋଲିସ ଚୁପ।ଘଷିପୁରା ବିଧାୟକ ଓ ତାଙ୍କ ପୁତ୍ରମାନଙ୍କର ଷଡଯନ୍ତ୍ର କ୍ରମେ ଏହି ବେଆଇନ କାମ କରାଯାଇଛି।ଏଣୁ ଉଭୟ ବିଜେଡି ବିଧାୟକ ଓ ତାଙ୍କ ପୁତ୍ର ସମେତ ସରପଞ୍ଚ ପାର୍ଥି ପ୍ରଦୀପ୍ତ ସାହୁ ଓ ତାଙ୍କର ସମର୍ଥକ ଯେଉଁମାନେ ଏହି ଘଟଣାରେ ସମ୍ପୃକ୍ତ ତାଙ୍କୁ ଗିରଫ କରିବା ସହ ଏହି ବୁଥ ଗୁଡିକରେ ପୁନଃ ମତଦାନ ପାଇଁ ନିର୍ଦ୍ଦେଶ ଦେବାକୁ ଦାବି ଜଣାଇଛି ଦଳ।

ପୁନଃଶ୍ଚ ଗଜପତି ଜିଲ୍ଲାର ଗ୍ରାମ୍ୟ ଉର୍ଣ୍ଣୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡ଼ିଡିଆରଡିଏ)ଖୋଲା ଖୋଲି ଭାବେ ବିଜେଡି ପାଇଁ କାର୍ଯ୍ୟ କରୁଛନ୍ତି।ଗଜପତି ଜିଲ୍ଲାର ବିଜେଡି ନେତା ତିରୁପତି ପାଣିଗ୍ରାହୀ ଭୋଟ ରିଗିଂ ପାଇଁ ନିଜ ସମର୍ଥକଙ୍କୁ ଉସକାଉଛନ୍ତି।ଯାଜପୁର ଜିଲ୍ଲାର ଯାଜପୁର ବ୍ଲକ ର ଝଳପଡା ପଞ୍ଚାୟତ କାକୁଡିକୁଦ ବୁଥ, ଏରବାଙ୍ଗ, ସୁଜନପୁର, ରୁଦ୍ରପୁର, ଛତିଶଡେବିଲ ପଞ୍ଚାୟତ ର ସମସ୍ତ ବୁଥ ପୋଲିସର ସହଯୋଗରେ ବୁଥ ଜବରଦଖଲ ହୋଇଛି।ପୁରୀ ଜିଲ୍ଲାର କଣାସ ବ୍ଲକ ଅଞ୍ଚଳରେ ନିର୍ବାଚ୍ନରେ ଅନିୟମିତତା ସମ୍ପର୍କରେ ଖବର ସଂଗ୍ରହ କରୁଥିବା ସାମ୍ବାଦିକଙ୍କୁ ଆକ୍ରମଣ ହୋଇଛି।

# ଶାନ୍ତି, ମୈତ୍ରୀ, ସଦଭାବନା ଭଳି ଶବ୍ଦ ସସ୍ମିତ ପାତ୍ର ଉଚ୍ଚାରଣ କରନ୍ତୁ : ଦିଲୀପ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): "ସୌ ଚୁହା ଖା କେ, ବିଲ୍ଲୀ ହଜ୍ କୋ ନିକ୍ଲି" ଭଳି ବିଜେଡି ସାଂସଦ ଡ.ସସ୍ମିତ ପାତ୍ରଙ୍କ ଗତ କାଲି ବକ୍ତବ୍ୟ । ଶାନ୍ତି, ମୈତ୍ରୀ, ସଦଭାବନା ଭଳି ଶବ୍ଦ ସସ୍ମିତ ପାତ୍ରଙ୍କ ମୁହଁରେ ଶୋଭା ପାଏ ନାହିଁ । ବରଂ ଏହା 'ସଇତାନର ବେଦ ପାଠ' ସଦୃଶ ବୋଲି ରାଜ୍ୟ ଗଣମାଧମ ମୁଖ୍ୟ ଶ୍ରୀ ଦିଲୀପ ମଲ୍ଲିକ କହିଛନ୍ତି ।



ସସ୍ମିତ ପାତ୍ର ତାଙ୍କ ନିଜ ଇତିହାସକୁ ଭୁଲି ଯିବା କଥା ନୁହେଁ । ଦଙ୍ଗା ଓ ହିଂସାକାଣ୍ଡରେ ସଂପୃକ୍ତି କାରଣରୁ ଫ୍ୟାକ୍ଟ ଫାଇଣ୍ଡିଂ ରିପୋର୍ଟ ଆଧାରରେ ଏକ ରାଷ୍ଟ୍ରୀୟ ଦଳରୁ ତଡା ଖାଇଥିବା ଡ.ପାତ୍ର ନିଜ ଅତୀତକୁ ଭଲ ଭାବେ ସ୍ମରଣ କରି ତାଙ୍କ ଉପରେ ଆସିଥିବା ଅଭିଯୋଗର ଉତର ଦେବା ପରିବର୍ତ୍ତେ ଏବେକୁ ବଡ ପାଟିରେ ମିଛ କହିବା ବନ୍ଦ କରନ୍ତୁ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।

ଶାସକ ବିଜେଡିକୁ ପରାଜୟର ଭୟ ଘାରିଛି । ଏହି କାରଣରୁ ଶାସକ ବିଜେଡିର ମନ୍ତ୍ରୀ ଓ ନେତାଙ୍କ ପ୍ରତ୍ୟକ୍ଷ ପ୍ରରୋଚନାରେ ରାଜ୍ୟରେ ରାଜନୈତିକ ହିଂସା କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି । ପଂଚାୟତ ନିର୍ବାଚନରେ ଶାସକ ବିଜେଡି କର୍ମୀଙ୍କ ହିଂସା ଓ ଗୁଣ୍ଡାଗର୍ଦ୍ଦିକୁ ପୋଲିସ ପ୍ରଶାସନ ଆଖି ବନ୍ଦ କରି ନୀରବଦ୍ରଷ୍ଟା ସାଜିଛି କାହିଁକି ? ଓଡିଶାରେ ହିଂସାକାଣ୍ଡ କାହିଁକି ଉଗ୍ର ରୂପ ଧାରଣ କରୁଛି, ଏହାର ପ୍ରମୁଖ କାରଣ କଣ ଏବଂ ଏଥି ପାଇଁ ଦାୟୀ କିଏ ? ଦୀର୍ଘ ୨୨ ବର୍ଷ ଧରି ଶାସନ କ୍ଷମତାରେ ଥିବା ଏବଂ ଗୃହ ବିଭାଗର ଦାୟୀତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ରାଜ୍ୟରେ ହିଂସାକାଣ୍ଡକୁ ରୋକିବା ପାଇଁ କଣ କଣ ପଦକ୍ଷେପ ନେଇଛନ୍ତି ? ଏହାର ଉତର ନଦେଇ ସସ୍ମିତ ପାତ୍ର ନିଜ ଏବଂ ଶାସକ ବିଜେଡିର ରକ୍ତ ମୁଖା ଚେହେରାକୁ ଘୋଡାଇ ରଖିବାର ପ୍ରୟାସ କରୁଛନ୍ତି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।

ଦ୍ୱିତୀୟ ପଞ୍ଚାୟତ ନିର୍ବାଚନ ଭୋଟିଂ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ, ରିଗିଂ ଭଳି ବହୁ ଘଟଣାମାନ ସାମ୍ନାକୁ ଆସିଛି । ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ଜିଲ୍ଲା ଗଂଜାମର ଚିକିଟି, ଭଦ୍ରକ ଜିଲ୍ଲା ଚାନ୍ଦବାଲି, ଅନୁଗୁଳ ଜିଲ୍ଲା କିଶୋରନଗର ବ୍ଲକ, ଯାଜପୁର ଓ ଜଗତସିଂହପୁର ଜିଲ୍ଲା ସମେତ ବହୁ ସ୍ଥାନରେ ଘଟି ଯାଇଥିବା ହିଂସାକାଣ୍ଡରେ ଶାସକ ବିଜେଡିର ସଂପୃକ୍ତି ପଦାରେ ପଡିଛି । ଏପରିକି ଗଣମାଧମ ପ୍ରତିନିଧିମାନେ ଶାସକ ବିଜେଡିର ଆକ୍ରମଣର ଶିକାର ହୋଇଛନ୍ତି ।

ଅପର ପକ୍ଷେ ହିଂସା ଓ ଅଶାନ୍ତ ବାତାବରଣ ସୃଷ୍ଟିକାରୀଙ୍କୁ ନିଜ ଦଳରେ ପ୍ରାଧାନ୍ୟ ଦେଇ ରାଜ୍ୟରେ ଅରାଜକତାକୁ ମୁଖ୍ୟମନ୍ତ୍ରୀ ପ୍ରୋତ୍ସାହିତ କରୁଛନ୍ତି ।

# ଅଧ୍ୟକ୍ଷ/ଉପାଧ୍ୟକ୍ଷ ଓ ନାଏବ ସରପଞ୍ଚଙ୍କ ପାଇଁ ପରୋକ୍ଷ ନିର୍ବାଚନ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ନାଏବ ସରପଂଚ ପଂଚାୟତ ସମିତିର ଅଧ୍ୟକ୍ଷ/ଉପାଧ୍ୟକ୍ଷ ଏବଂ ଜିଲ୍ଲା ପରିଷଦର ସଭାପତି/ଉପସଭାପତି ପଦଗୁଡ଼ିକ ପରୋକ୍ଷ ନିର୍ବାଚନ ମାଧ୍ୟମରେ ପୂରଣ କରାଯିବ । ଆସନ୍ତା ମାର୍ଚ୍ଚ ମାସ ୧୧ ତାରିଖରେ ସମସ୍ତ ଗ୍ରାମପଂଚାୟତର ନାଏବ ସରପଂଚପଦ ପାଇଁ ପରୋକ୍ଷ ନିର୍ବାଚନ ଅନୁଷ୍ଠିତ ହେବ । ପଂଚାୟତ ସମିତିର ଅଧ୍ୟକ୍ଷ ପଦ ନିମନ୍ତେ ମାର୍ଚ୍ଚ ୧୨ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ଓ ମାର୍ଚ୍ଚ ୧୩ ତାରିଖରେ ଜିଲ୍ଲା ପରିଷଦ ସଭାପତି ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ପଂଚାୟତ ସମିତିର ଉପାଧ୍ୟକ୍ଷ ପଦବୀ ପାଇଁ ମାର୍ଚ୍ଚ ୨୩ ତାରିଖରେ ଓ ଜିଲ୍ଲା ପରିଷଦର ଉପସଭାପତି ପଦବୀ ନିମନ୍ତେ ମାର୍ଚ୍ଚ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ପରୋକ୍ଷ ନିର୍ବାଚନ ମାଧ୍ୟମରେ ଉପରୋକ୍ତ ପଦବୀଗୁଡ଼ିକ ପୂରଣ ହେଉଥିବାରୁ ଏଥି ନିମନ୍ତେ ନିର୍ବାଚନ ଅଧିକାରୀମାନେ ସଭ୍ୟମାନଙ୍କର ଏକ ସ୍ୱତନ୍ତ୍ର ବୈଠକ ଡାକିବେ ଓ ପରୋକ୍ଷ ନିର୍ବାଚନ ନ ସରିବା ପର୍ଯ୍ୟନ୍ତ ସଭ୍ୟମାନେ ସଭାଗୃହରୁ ବାହାରକୁ ଆସିପାରିବେ ନାହିଁ । ଉପରୋକ୍ତ ପଦବୀ ପୂରଣ ନିମନ୍ତେ ଧାର୍ଯ୍ୟ ଦିନଗୁଡ଼ିକରେ ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀ ସକାଳ ୧୦.୩୦ରୁ ୧୧.୩୦ ମଧ୍ୟରେ ପ୍ରାର୍ଥୀଙ୍କୁ ନାମାଙ୍କନ ପତ୍ର ଦେବେ ଓ ୧୧.୩୦ରୁ ୧୨.୩୦ ମଧ୍ୟରେ ନାମାଙ୍କନ ପତ୍ର ଯାଂଚ କରାଯିବ ଏବଂ ଅପରାହ୍ଣ ୧ ଘଂଟା ପୂର୍ବରୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଏବଂ ଅପରାହ୍ଣ ୧.୩୦ ଠାରୁ ଅପରାହ୍ଣ ୪ ଘଟିକା ପର୍ଯ୍ୟନ୍ତ ସଂପୃକ୍ତ ପଦବୀ ନିମନ୍ତେ ଭୋଟ ଗ୍ରହଣ କରାଯିବ। ଭୋଟ ଗ୍ରହଣ ପରେ ପରେ ଭୋଟଗଣତି କରାଯିବ ବୋଲି ନିର୍ବାଚନ କମିଶନ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ରାଷ୍ଟ୍ରୀୟ ମହିଳା କମିଶନରଙ୍କୁ ବିଜେପିର ସ୍ମାରକ ପତ୍ର

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ବହୁଚର୍ଚ୍ଚିତା ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡକୁ ୪ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ଏହି ବର୍ବରୋଚିତ ହତ୍ୟାକାଣ୍ଡରେ ସଂପୃକ୍ତ ବହୁ ଅପରାଧୀ ଆଜି ନିର୍ଭୟରେ ବାହାରେ ବୁଲୁଛନ୍ତି । ପ୍ରକୃତ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଅପରାଧୀମାନଙ୍କୁ ଖସାଇଦେବାର ଷଡଯନ୍ତ୍ର କରୁଛନ୍ତି ରାଜ୍ୟ ସରକାର। ମମିତା ହତ୍ୟାକାଣ୍ଡରେ ରାଜ୍ୟର ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତିର ଅଭିଯୋଗ ସତ୍ତ୍ୱେ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା, ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଗିରଫ



ହୋଇ ପୋଲିସ ହାଜତରୁ ଚଂପଟ ମାରିବା, ଶେଷ ମୁହୂର୍ତ୍ତରେ କୋର୍ଟରେ ପୋଲିସ ଚାର୍ଜସିଟ୍ ଦାଖଲ ହେବା ଆଦି ଘଟଣାଗୁଡିକ କେଉଁଠି ନା କେଉଁଠି ଏହି ଅପରାଧରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତି ରହିବାର ପ୍ରମାଣିତ ହୋଇଛି । ଅନ୍ୟ ପଟେ ତାଙ୍କୁ ସୁରକ୍ଷା ମିଳିବ ବୋଲି ମୁଖ୍ୟ ଷଡଯନ୍ତ୍ରକାରୀ ଦିବ୍ୟଶଂକର ମିଶ୍ର ନିଶ୍ଚିନ୍ତ ଥିଲେ ଏବଂ ଏହି କେଳେଙ୍କାରୀରେ ସଂପୃକ୍ତ ଥିବା ଅନ୍ୟ ପ୍ରଭାବଶାଳୀ ବ୍ୟକ୍ତିମାନେ ତାଙ୍କୁ ସୁରକ୍ଷା ଦେବା ପାଇଁ ବାଧ ବୋଲି ମନ୍ତ୍ରୀ ଦିବ୍ୟଶଂକର ଭଲ ଭାବେ ଜାଣିଥିଲେ । କିନ୍ତୁ ବହୁ ଶୀଘ୍ର ଏହି ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ଧରାପଡିବେ ବୋଲି ରାଜ୍ୟ ସାଧାରଣ ସଂପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଡ.ଲେଖାଶ୍ରୀଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟ ଗସ୍ତରେ ଥିବା ରାଷ୍ଟ୍ରୀୟ ମହିଳା କମିଶନ ଶ୍ରୀମତୀ ରେଖା ଶର୍ମାଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିବା ସହିତ ମମିତା ହତ୍ୟାକାଣ୍ଡ ଏବଂ ଘଟଣା ପରବର୍ତ୍ତୀ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ ।

ମମିତା ହତ୍ୟାକାଣ୍ଡକୁ ରାଷ୍ଟ୍ରୀୟ ମହିଳା କମିଶନ ବହୁ ଗମ୍ଭୀରତାର ସହ ବିଚାର କରିଛନ୍ତି । ଆଜିର ଗସ୍ତ ଅବସରରେ କମିଶନ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକଙ୍କ ଆଲୋଚନା କରିଛନ୍ତି ।

# ନିର୍ବାଚନ ଆୟୋଗ ଆଦର୍ଶ ଆଚରଣବିଧି ଉଲଙ୍ଘନକାରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ଅନୁରୋଧ କଲେ ବିଧାୟକ ସୁରେଶ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଦୁଇ ଶାସକ ଦଳ ବ୍ୟାପକ ଭାବେ ନିର୍ବାଚନ ଆଚରଣବିଧି ଉଲଘଂନ କରୁଥିବା ବେଳେ, ରାଜ୍ୟ ନିର୍ବାଚନ ଆୟୋଗ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବାରେ ବିଫଳ ହୋଇଛନ୍ତି ବୋଲି ଜଟଣୀ ବିଧାୟକ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିଛନ୍ତି। ରାଉତରାୟ କହିଛନ୍ତି ଯେ, ଜଟଣୀ, ଖୋର୍ଦ୍ଧାଜିଲ୍ଲା ଏବଂ ରାଜ୍ୟର ଅନ୍ୟ ଅଞ୍ଚଳକୁ ନିର୍ବାଚନ ପ୍ରଚାର ପାଇଁ ଘନଘନ ଗସ୍ତ କରୁଛନ୍ତି। ସେ ସେଠାରେ ବିଜେଡ଼ି, ବିଜେପି ଦଳର ଆଚରଣ ବିଧିର ଖୋଲା ଉଲଘଂନ ପ୍ରତ୍ୟକ୍ଷ ଭାବରେ ଦେଖୁଛନ୍ତି। ବିଜେଡ଼ି, ବିଜେପି ଦଳର ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ, ବିଧାୟକ, ସାଂସଦ, ମନ୍ତ୍ରୀ ଓ ଦଳୀୟ ପଦାଧିକାରୀମାନେ ଟଙ୍କାଥଳି ଧରି ବୁଲୁଛନ୍ତି। ଚାରିଆଡ଼େ ମଦ, ମାଂସର ଆସର ଚାଲିଥିଲା ବେଳେ, ପୁଲିସ୍ ନୀରବଦ୍ରଷ୍ଟା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୁଶାସନ ପାଇଁ ଜନପ୍ରିୟତା ହରାଇଛନ୍ତି। ଏଣୁ ସାଧାରଣ ଲୋକଙ୍କୁ ଅର୍ଥ ବଳରେ କିଣିବା ପାଇଁ ଶାସକ ଦଳ ଆପ୍ରାଣ ଉଦ୍ୟମ କରୁଛି। ସାଧାରଣ ଭୋଟରଙ୍କ ଉପରେ ପୋଲିସ୍ ମାଧ୍ୟମରେ ମିଥ୍ୟା




ମୋକଦ୍ଦମା ରୁଜୁର ଧମକ ଦିଆଯାଉଛି। ଶାସକ ଦଳର ଗୁଣ୍ଡାମାନେ ବିଭିନ୍ନ ସ୍ଥାନରେ ଆତଙ୍କରାଜ ଚଳାଇଛନ୍ତି। ମାତ୍ର ନିର୍ବାଚନ ଆୟୋଗ ଓ ପୋଲିସ୍ ନୀରବଦ୍ରଷ୍ଟା ସାଜିଛନ୍ତି।

ବିଜେଡ଼ି ଦଳୀୟ ବିଧାୟକ ଓ ପଦାଧିକାରୀମାନେ ଭୋଟନଦେଲେ ଭତ୍ତା କାଟିଦେବା, ରାସନକାର୍ଡ଼ କାଟି ଦେବାକୁ ଧମକ ଦେଇଛନ୍ତି। ଅନେକ ସ୍ଥାନରେ ରାସନକାର୍ଡ଼ର ଆବେଦନ ଫର୍ମ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତାର ଫର୍ମ ପୂରଣ କରାଇ ଭୋଟ ଦେବାକୁ ପ୍ରଲୋଭନ ଦେଖାଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ, ବିଜୁ କୁଡ଼ିଆର ଥୋପ ଦେଖାଇ ଭୋଟ ହାତେଇବାକୁ ଉଦ୍ୟମ କରୁଛନ୍ତି। ବିଶେଷକରି ଶାସକ ଦଳ ପକ୍ଷରୁ ଏହି ପଞ୍ଚାୟତ ନିର୍ବାଚନରେ ଜୟଦେବ ନିର୍ବାଚନ ମଣ୍ଡଳୀରେ ବାଲିମାଫିଆ, ଖୋର୍ଦ୍ଧାର ପଥରମାଫିଆ, ନିଶା ମାଫିଆ ଏବଂ କୁଖ୍ୟାତ ଅପରାଧିମାନଙ୍କ ପ୍ରତ୍ୟକ୍ଷ ସହଯୋଗରେ ନିର୍ବାଚନ ଲଢାଯାଉଛି ।

## ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ

# ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହେଲା ବିଜେପି

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ସରକାରୀ କଳକୁ ଅପବ୍ୟବହାର କରି ନିର୍ବାଚନ ବୈତରଣୀ ପାର ହେବାର ପ୍ରୟାସ ଜାରି ରଖିଛି ଶାସକ ବିଜୁ ଜନତା ଦଳ । ଭୋଟ କେନ୍ଦ୍ରରେ ସରକାରୀ କଳ ଓ ପ୍ରିଜାଇଡିଂ ଅଫିସରମାନଙ୍କୁ ବ୍ୟବହାର କରାଯାଇ ଶାସକ ବିଜେଡି ସପକ୍ଷରେ ବ୍ୟାପକ ମାତ୍ରାରେ ଭୋଟଦାନକୁ ପ୍ରଭାବିତ କରାଯାଉଛି । କିନ୍ତୁ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନେ ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରି ଶାସକ ବିଜେଡି ସପକ୍ଷରେ ଭୋଟ କରାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ଅସାମ୍ବିଧାନିକ ଏବଂ ଦଣ୍ଡନୀୟ ଅପରାଧ । କେଉଁଠି ପ୍ରତ୍ୟକ୍ଷ ତ ଆଉ କେଉଁଠି ପରୋକ୍ଷ ଭାବେ ଶାସକ ଦଳ ପାଇଁ କାର୍ଯ୍ୟ କରୁଛନ୍ତି ସରକାରୀ ଅଧିକାରୀମାନେ ବୋଲି ରାଜ୍ୟ ଗଣମାଧମ ମୁଖ୍ୟ ଶ୍ରୀ ଦିଲୀପ ମଲ୍ଲିକ ଅଭିଯୋଗ କରିଛନ୍ତି ।

ପଂଚାୟତ ନିର୍ବାଚନ ପାଇଁ ରାଜ୍ୟବ୍ୟାପୀ ନିର୍ବାଚନ ଆଚରଣ ବିଧି ଜାରୀ କରିଛନ୍ତି ରାଜ୍ୟ ନିର୍ବାଚନ କମିଶନ । ଏହି ସମୟରେ ନିର୍ବାଚନ କିମ୍ବା ଭୋଟରମାନଙ୍କୁ ପ୍ରଭାବିତ କଲା ଭଳି କୌଣସି କାର୍ଯ୍ୟକ୍ରମ ଉପରେ ନିଷେଧାଦେଶ ବଳବତର ରହିଛି । ମାତ୍ର ନିର୍ବାଚନ



କମିଶନଙ୍କ ଜିଲ୍ଲା ପ୍ରତିନିଧି ତଥା ଜିଲ୍ଲାପାଳମାନେ ଯଦି ଆଚଚରଣ ବିଧିକୁ ଉଲ୍ଲଂଘନ କରିବେ, ତାହେଲେ ଏହା ଖୋଲାଖୋଲି ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ଏବଂ ଦଣ୍ଡନୀୟ ଅପରାଧ । ଖୋର୍ଦ୍ଧା ଜିଲ୍ଲାପାଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସଭାର ଆୟାଜନ କରି ବିଦ୍ୟାଳୟ ପଟ୍ଟା ବଂଟନ କରି ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରିଛନ୍ତି । ତେଣୁ ଆଚରଣ ବିଧି ଉଲ୍ଲଂଘନ କରିଥିବାରୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଜେପି ତରଫରୁ ନିର୍ବାଚନ କମିଶନଙ୍କ ନିକଟରେ ଦାବୀ କରାଯାଇଛି ।

ସେହିପରି, ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଧନ୍ଦରା ପଂଚାୟତର ଖାଡିଗୁଡା ଗ୍ରାମ ବୁଥରେ ନିର୍ବାଚନ ଅଧିକାରୀ ଶ୍ରୀ ରିତେନ ପଟ୍ଟନାୟକ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରି ବିଜୁ ଜନତା ଦଳର ଏଜେଂଟ ଭଳି କାମ କରୁଛନ୍ତି। ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ଶ୍ରୀ ପଟ୍ଟନାୟକ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲଂଘନ କରି ଭୋଟରଙ୍କୁ ନିଶାଶକ୍ତ କରି ଭୋଟ ହାତେଇବାରେ ଲାଗିପଡ଼ିଛନ୍ତି । ତାଙ୍କ ବିରୋଧରେ କଠୋର କାର୍ଯ୍ୟନୁହ୍ଠାନ ଗ୍ରହଣ କରିବାକୁ ମଧ ବିଜେପି ପ୍ରତିନିଧି ଦଳ କମିଶନଙ୍କ ନିକଟରେ ଦାବୀ କରିଛି ।ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ଗଣମାଧମ ସହମୁଖ୍ୟ ସୁଜିତ୍ ଦାସ, ଲିଗାଲ ସେଲର ରବିଶଂକର ପଟ୍ଟନାୟକ, ଜୟନ୍ତ ଜେନା ଏବଂ ପ୍ରଦୀପ ମହନ୍ତ ପ୍ରମୁଖ ସାମିଲ ଥିଲେ ।

# ପୌର ନିର୍ବାଚନ ପାଇଁ ଇଭିଏମ୍ ତାଲିମ କାର୍ଯ୍ୟକ୍ରମ




ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଆସନ୍ତା ପୌରସଂସ୍ଥା ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ତରଫରୁ ଦୁଇ ଦିନିଆ ଇଭିଏମ୍ ତାଲିମ କାର୍ଯ୍ୟକ୍ରମ କମିଶନଙ୍କ କାର୍ଯ୍ୟାଳୟ ପରିସରରେ ଆଜି ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲା: ଅନୁଗୋଳ, ବାଲେଶ୍ୱର, ବଲାଙ୍ଗୀର, ବରଗଡ, ବୌଦ୍ଧ, କଟକ, ଦେବଗଡ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ଝାରସୁଗୁଡା ଓ କଳାହାଣ୍ଡିରୁ ଆସିଥିବା ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମକୁ ନିର୍ବାଚନ ଆୟୋଗଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ ଶୁଭାରମ୍ଭ କରିଥିବାବେଳେ ଆୟୋଗର ସ୍ୱତନ୍ତ୍ର ସଚିବ ରଘୁରାମ ଆର୍. ଆୟର, ଆଇନ୍ ଅଧିକାରୀ ମାଧୁରୀ ମିଶ୍ର ଓ ସେକ୍ସନ ଅଧିକାରୀ ଉତମ କୁମାର ପରିଡା ଉପସ୍ଥିତ ରହି ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନରମାନଙ୍କୁ ଇଭିଏମ୍ ମାଧ୍ୟମରେ ଭୋଟଗ୍ରହଣ ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ। ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନରମାନେ ଇଭିଏମ୍ ତାଲିମ ନେଇ ଜିଲ୍ଲାସ୍ତରରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରିବେ। ଆସନ୍ତାକାଲି ଅବଶିଷ୍ଟ ୧୫ଟି ଜିଲ୍ଲାର ମାଷ୍ଟର ଟ୍ରେନରମାନଙ୍କୁ ଇଭିଏମ୍ ମାଧ୍ୟମରେ ଭୋଟଗ୍ରହଣ କରାଯିବା ସମ୍ପର୍କରେ ତାଲିମ ପ୍ରଦାନ କରାଯିବ। ରାଜ୍ୟର ସମୁଦାୟ ୧୦୭ଟି ପୌରସଂସ୍ଥା ଓ ୩ଟି ମହାନଗର ନିଗମର ୧୯୩୧ଟି ୱାର୍ଡର ୪୫୮୪ଟି ବୁଥରେ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରତ୍ୟେକ ବୁଥରେ ୨ଟି ଲେଖାଏଁ ଇଭିଏମ୍ ରହିବ। ଗୋଟିଏ କାଉନସିଲର/କର୍ପୋରେଟର ଓ ଅନ୍ୟଟି ଅଧ୍ୟକ୍ଷ/ମେୟର ନିର୍ବାଚନ ପାଇଁ ବ୍ୟବହୃତ ହେବ। ପ୍ରାୟ ୧୧ ହଜାରରୁ ଅଧିକ ସଂଖ୍ୟାକ ଇଭିଏମ୍ ପୌରସଂସ୍ଥା ନିର୍ବାଚନରେ ବ୍ୟବହାର କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ଡାଲଖାଇ ସଂକୀର୍ତ୍ତନ ମହୋତ୍ସବ ପାଳିତ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଭୁବନେଶ୍ୱର ଲକ୍ଷ୍ମୀସାଗର ଶ୍ରୀ ଶ୍ରୀ ମା' ଡାଲଖାଇ ଓଡ଼ିଶୀ ସଂକୀର୍ତ୍ତନ ମହାମଣ୍ଡଳୀର ବାର୍ଷିକ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ମା' ଡାଲଖାଇ ମନ୍ଦିର ପରିସରରେ କୋଭିଡ୍ ନିୟମ ଅନୁପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରତୀକାତ୍ମକ ଭାବେ ପ୍ରତ୍ୟେକ ମହାମଣ୍ଡଳୀର ସଭ୍ୟମାନେ ଯୋଗଦେଇ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରିଥିଲେ । ପ୍ରଥମେ ପୂର୍ବତନ ମହନ୍ତ ସ୍ୱର୍ଗତ ପ୍ରଦୀପ ଜେନାଙ୍କ ସହ ଦିବଙ୍ଗତ ସଂକୀର୍ତ୍ତନ କଳାକାରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଦୀପଦାନ ହେବାପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁଶାସନ ସଚିବ ଲକ୍ଷ୍ମୀଧର



ବେହେରାଙ୍କ ଦ୍ୱାରା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତି ଲିଙ୍ଗରାଜ ସାହୁ, ପୂର୍ବତନ ସଭାପତି ଉପେନ୍ଦ୍ର ସାମନ୍ତରାୟ, ସମ୍ପାଦକ ହରିହର ପରିଡ଼ା, ଅଧିକାରୀ ପୀତବାସ ସୁନ୍ଦରରାୟ, ରବୀନ୍ଦ୍ରନାଥ ସ୍ୱାଇଁ, ହେମନ୍ତ ପ୍ରଧାନ, ନିଖିଳ ଉତ୍କଳ ଖୋର୍ଦ୍ଧା ଜିଲ୍ଲା ସଂକୀର୍ତ୍ତନ ମହାସଂଘ ସଭାପତି ଜଗନ୍ନାଥ ବେହେରାଙ୍କ ସହିତ ବହୁ ସଂକୀର୍ତ୍ତନପ୍ରେମୀ ଯୋଗଦାନ କରିଥିଲେ ।



ମନୋଜବଂ ମାରୁତତୁଲ୍ୟବେଗଂ
ଜିତେନ୍ଦ୍ରିୟଂ ବୁଦ୍ଧିମତାଂ
ବରିଷ୍ଠମ୍ ।
ବାତାତ୍ମଜଂ ବାନରଯୂଥମୁଖ୍ୟଂ
ଶ୍ରୀରାମଦୂତଂ ଶରଣଂ
ପ୍ରପଦ୍ୟେ ॥

## ସମ୍ପାଦକୀୟ

# କଂଗ୍ରେସର ଦଳିତ କାର୍ଡ

କଂଗ୍ରେସର ଆଭ୍ୟନ୍ତରୀଣ କନ୍ଦଳରୁ ଗତ ୨୦୨୧ ସେପ୍ଟେମ୍ବରରେ ଅପ୍ରତ୍ୟାଶୀତ ଭାବେ ପଞ୍ଜାବର ମୁଖ୍ୟମନ୍ତ୍ରୀ ହୋଇଥିବା ଚରଣଜିତ୍ ସିଂହ ଚାନ୍ନିଙ୍କୁ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ପୁଣି ହାଇକମାଣ୍ଡ ଘୋଷଣା କରିବା ଏକ ସାହାସିକ ପଦକ୍ଷେପ ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ନିର୍ବାଚନ ପୂର୍ବରୁ ବା ନିର୍ବାଚନ ସମୟରେ କୌଣସି ନେତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିବା କଂଗ୍ରେସ ଇତିହାସରେ ଏକ ବିରଳ ଘଟଣା। ଅତୀତରେ ବିଧାନସଭା ନିର୍ବାଚନରେ କଂଗ୍ରେସ ମିଳିତ ନେତୃତ୍ୱ ଉପରେ ବିଶ୍ୱାସ କରି ଆସୁଥିବା ବେଳେ ବିଧାୟକ ଦଳ ବୈଠକରେ ନେତୃତ୍ୱ ନିଷ୍ପତି ହାଇକମାଣ୍ଡଙ୍କ ଉପରେ ଛାଡି ଦିଆଯିବା ଦଳର ଏକ ପରମ୍ପରା ହୋଇଥିବା କହିଲେ ଭୁଲ ହୋଇନପାରେ। କଂଗ୍ରେସ ହାଇକମାଣ୍ଡ ଯେଉଁ ନେତାଙ୍କ ନାମ ନିର୍ବାଚନ ପରେ ଘୋଷଣା କରିଥାନ୍ତି, ସେ ହିଁ ମୁଖ୍ୟମନ୍ତ୍ରୀ ହୋଇଥାନ୍ତି। ଏହା ହିଁ ହେଉଛି କଂଗ୍ରେସର ପରମ୍ପରା। ମାତ୍ର ଚଳିତ ନିର୍ବାଚନ ଆମ ଆଦମୀ ପାର୍ଟି(ଆପ୍) ଫୋନ ମେସେଜ ଦ୍ୱାରା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚୟନ କରିବା ସହ ସାଂସଦ ଭଗୱାନ ସିଂହ ମାନ୍ନଙ୍କୁ ମୁଖ୍ୟମନ୍ତ୍ରୀ ଓ ପ୍ରାର୍ଥୀ ଭାବେ ଉପସ୍ଥାପିତ କରିଛି। କଂଗ୍ରେସ ଦଳର କର୍ମୀ ଓ ନେତାଙ୍କ ଗୁପ୍ତ ଭୋଟ ଦ୍ୱାରା ଶ୍ରୀ ଚାନ୍ନିଙ୍କୁ ହାଇକମାଣ୍ଡ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ଲାଗି ପିସିସି ମୁଖ୍ୟ ନବଜ୍ୟୋତ ସିଂହ ସିଦ୍ଧୁ ଆଶାୟୀ ଥିବା ସତ୍ୱେ ଗୁପ୍ତ ମତଦାନ ଚନ୍ନିଙ୍କ ସପକ୍ଷରେ ଯାଇଛି। ପଞ୍ଜାବ ରାଜନୀତିରେ ଜଣେ ଅସ୍ଥିର ଚିତନେତା ଭାବେ ପରିଚିତ ସିଦ୍ଧୁ ନୀରବତା ଅବଲମ୍ବନ କରିବେ ନା ପୁଣି ଗୋଟି ଚଳାଇବେ, ଏହା ଭବିଷ୍ୟତ ହିଁ କହିବ। କିନ୍ତୁ ଏହା ନିଶ୍ଚିତ ଯେ, ଜଣେ ଦଳିତ ନେତାଙ୍କୁ ଢାଲ କରି କଂଗ୍ରେସ କ୍ରମାଗତ ଦ୍ୱିତୀୟ ଥର କ୍ଷମତା ଦଖଲ ପାଇଁ ଲକ୍ଷ୍ୟ ରଖିଛି। ପଞ୍ଜାବରେ ଜନସଂଖ୍ୟାର ୩୨ ପ୍ରତିଶତ ଅନୁସୂଚିତ ଜାତିର ବାସିନ୍ଦା ହୋଇଥିବାବେଳେ ଜାଠ ଶିଖ୍ ଲୋକସଂଖ୍ୟା ହେଉଛି ମାତ୍ର ୨୦ପ୍ରତିଶତ ବା ମୋଟ ଲୋକସଂଖ୍ୟାର ଏକ ପଂଚମାସ। ଗତ ୧୯୭୭ ମସିହାଠାରୁ ଅଣ ଜାଠ-ଶିଖ ସଂପ୍ରଦାୟର କେହି ଜଣେ ମୁଖ୍ୟମନ୍ତ୍ରୀ ହୋଇନାହାଁନ୍ତି। ଅଣ ଜାଠ ଶିଖ୍ ନେତା ଭାବେ ପୂର୍ବତନ ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହ ୧୯୭୨ ରୁ ୭୭ ପର୍ଯ୍ୟନ୍ତ ପଞ୍ଜାବର ମୁଖ୍ୟମନ୍ତ୍ରୀ ଥିଲେ। ପ୍ରଥମ ଥର ପାଇଁ କଂଗ୍ରେସ ସାମାଜିକ ନ୍ୟାୟକୁ ଗୁରୁତ୍ୱ ଦେଇ ଦଳିତ ବର୍ଗର ଜଣେ ନେତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିଛି। ତେବେ ପଞ୍ଜାବରେ ଥିବା ଦଳିତ ବର୍ଗ ଗୋଟିଏ ଜାତିର ନୁହଁନ୍ତି। ଦଳିତ ବର୍ଗ ୩୯ଟି ଜାତିରେ ବିଭକ୍ତ। ପ୍ରତ୍ୟେକ ଦଳିତ ବର୍ଗ ବିଭିନ୍ନ ଧର୍ମରେ ଦିକ୍ଷିତ। ଶ୍ରୀ ଚନ୍ନି ଗୁରୁ ରବି ଦାସିଆ ସଂପ୍ରଦାୟର ଦଳିତ। ଯେଉଁ ସଂପ୍ରଦାୟ ମୋଟ ଦଳିତ ସଂପ୍ରଦାୟର ଏକ କ୍ଷୁଦ୍ର ଅଂଶ। ତେବେ ଚନ୍ନିଙ୍କ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀତ୍ୱ ସମଗ୍ର ଦଳିତ ବର୍ଗ ଉପରେ ପ୍ରଭାବ ପକାଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଦଳ ଠାରୁ ପାଇଥିବା ସମର୍ଥନ ପାଇଁ ସେ ଯୋଗ୍ୟତମ, ଏଥିରେ ସନ୍ଦେହର ଅବକାଶ ନାହିଁ।

# ନୀତିବାଣୀ

ସେମାନଙ୍କ ଶରୀରରେ ଥିବା ମଣି ମୁକ୍ତା, ଆଦିର ତେଜରେ ଅନ୍ଧକାର ଗୃହର ଅନ୍ଧକାର ଦୂର ହୋଇଯାଉଛି ଏବଂ ସେମାନେ ଦୁଧ-ଦହି ଲହୁଣୀ ଠାବ କରିପାରୁଛନ୍ତି । ଯଦି ଦୈବାତ୍ ସେମାନେ ଦୁଧ-ଦହି ଲହୁଣୀ ନପାଉଛନ୍ତି, ତେବେ ସେମାନେ ଆମର ଛୋଟ ପିଲାମାନଙ୍କ ପାଖକୁ ଯାଇ ସେମାନଙ୍କୁ ଚିମୁଟି ଦେଉଛନ୍ତି, ଫଳରେ ସେମାନେ କାନ୍ଦି ଉଠିଲାକ୍ଷଣି ଏମାନେ ପଳାଇଯାଉଛନ୍ତି। ଯଦି ଆମେ ଦୁଧ ଦହି ଲହୁଣୀ ଖୁବ୍ ଉଚ୍ଚ ଶିକାରେ ଟଙ୍ଗାଇ ରଖୁଛୁ, ଯେପରିକି ସେମାନଙ୍କ ହାତ ନପାଇବ, ତଥାପି ସେମାନେ ପିଢ଼ା ଉପରେ ପିଢ଼ା ଥୋଇ ଦଧିମନ୍ଥନ ପାତ୍ର ଉପରେ ଉଠି କୌଣସିମତେ ଶିକାରୁ ଦହି-ଦୁଧ-ଲହୁଣୀ ଆଣୁଛନ୍ତି । ଯଦି ସେମାନେ ଆଣି ନପାରୁଛନ୍ତି, ତେବେ ପାତ୍ରକୁ କଣା କରିଦେଉଛନ୍ତି। ଆମେ ଭାବୁଛୁ, ତୁମେ ସେମାନଙ୍କ ଶରୀରରୁ ସମସ୍ତ ମଣି ମୁକ୍ତା ଅଳଙ୍କାର ବାହାର କରିନିଅ, ଖୁବ୍ ଭଲ ହେବ ।' ଏକଥା ଶୁଣି ଯଶୋଦା କହନ୍ତି, 'ଠିକ୍ ଅଛି ମୁଁ କୃଷ୍ଣର ଶରୀରରୁ ସବୁ ମଣି ମୁକ୍ତା ଅଳଙ୍କାର କାଢ଼ିନେବି, ଫଳରେ ସେ ଆଉ ଅନ୍ଧକାରରେ ତୁମେ ଲୁଚେଇ ରଖିଥିବା ଦୁଧ ଦହି ଲହୁଣୀ ଆଉ ଦେଖିପାରିବ ନାହିଁ ।' ତପ୍ରରେ ଗୋପୀମାନେ କହନ୍ତି, 'ନା, ତା କରନାହିଁ। ଅଳଙ୍କାରଗୁଡ଼ିକ ତାଙ୍କ ଶରୀରରୁ କାଢ଼ି ନେଲେ ତୁମେ କ'ଣ ଭଲ କରିବ ? ଆମେ ଜାଣି ପାରୁନୁ ସେମାନେ କି ପ୍ରକାର ପିଲା ? ସେମାନଙ୍କ ଶରୀରେ ଅଳଙ୍କାର ନଥିଲେ ବି ସେମାନେ ଏକ ପ୍ରକାର ଦିବ୍ୟଜ୍ୟୋତି ବିସ୍ତାର କରି ଅନ୍ଧକାରରେ ସବୁ ଜିନିଷ ଦେଖିପାରନ୍ତି।' ତେବେ ମାଆ ଯଶୋଦା କହନ୍ତୁ, "ଆଚ୍ଛା, ତୁମର ଦୁଧ, ଦହି, ଲହୁଣୀକୁ ସାବଧାନରେ ରଖ, ଯେପରିକି ସେମାନେ ପାଇପାରିବେ ନାହିଁ । ଏହାର ଉତ୍ତରରେ ଗୋପୀମାନେ କହନ୍ତି, "ହଁ, ଆମେ ବାସ୍ତବରେ ସେଇଆହିଁ କରୁଛୁ; କିନ୍ତୁ ଆମେ ଯେତେବେଳେ ଗୃହ କର୍ମରେ ରତଅଛୁ, ଏ ଦୁଷ୍ଟପିଲା ଦୁଇଟି କୌଣସିମତେ ଆମ ଗୃହରେ ପ୍ରବେଶ କରି ସବୁ ନଷ୍ଟ କରି ଦେଉଛନ୍ତି। ବେଳେ ବେଳେ ଦୁଧ-ଦହି-ଲହୁରୀ ନପାଇ, ରାଗିଯାଇ ଅଗଣାରେ ମୁତି ଦେଉଛନ୍ତି ଏବଂ ବେଳେ ବେଳେ ଛାପଖଙ୍କାର ପକାଇ ଅଗଣାକୁ ଅପରିଷ୍କାର କରିଦେଉଛନ୍ତି । ଦେଖ ତୋ' ପୁଅକୁ- କିପରି ସେ ଶୁଣୁଛି । ଦିନସାରା କିପରି ଦୁଧ-ଦହି- ଲହୁଣୀରେ କରିବେ ସେଇ କାମରେ ସେମାନେ ବ୍ୟସ୍ତ ଏବଂ ବର୍ତ୍ତମାନ ଖୁବ୍ ଭଲ ପିଲାଭଳି ବେଶ୍ ଶାନ୍ତଶିଷ୍ଟ ଭାବରେ ବସିଛନ୍ତି । ତାଙ୍କ ମୁହଁକୁ ଟିକିଏ ଦେଖ।'

# ଭାରତୀୟ ସଂଗୀତର ତିନି କିମ୍ବଦନ୍ତୀ: ଲତା-ଗୀତା-ବାପି







ଡକ୍ଟର ଲକ୍ଷ୍ମଣ ସାହୁ
ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ଦୂରଭାଷ : ୯୦୪୦ ୧୫୧୪ ୭୫
Email: Laxmansahoo9040@gmail.com

ଆଲୋକେଶ ଲାହିରି ଯେ ବାପି ଲାହିରି ଭାବରେ ବେଶ୍ ଜଣାଶୁଣା । ୧୯୫୨ ନଭେମ୍ବର ୨୭ରେ ପଶ୍ଚିମବଙ୍ଗର ଜଲପାଇଗୁଡିରେ ଏକ ସଂଗୀତଜ୍ଞ ପରିବାରରେ ବାପି ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଆପରେଶ ଲାହିରି ଓ ମାତା ବନସୁରୀ ଲାହିରୀ ଦୁହେଁ ବଙ୍ଗୀୟ ଗାୟକ ଶାସ୍ତ୍ରୀୟ ସଙ୍ଗୀତରେ ସଂଗୀତଜ୍ଞ ଥିଲେ । ବାପି ଥିଲେ ସେମାନଙ୍କର ଏକମାତ୍ର ସନ୍ତାନ । କିମ୍ବଦନ୍ତୀ ଗାୟକ କିଶୋର କୁମାର ତାଙ୍କ ସମ୍ପର୍କୀୟ ଥିଲେ । ପ୍ରାରମ୍ଭରେ ସେ ତାଙ୍କ ପିତାମାତାଙ୍କ ଦ୍ୱାରା ତାଲିମ ପ୍ରାପ୍ତ ହୋଇଥିଲେ । କୁହାଯାଏ ଯେ ବାପି ଲାହିରି ମାତ୍ର ତିନି ବର୍ଷ ବୟସରେ ତବଲା ବଜାଇବା ଆରମ୍ଭ କରିଥିଲେ । ସେ ବଙ୍ଗଳା ଚଳଚ୍ଚିତ୍ର ଶିଳ୍ପ ଜଗତରେ ନିଜର ଅତୁଳନୀୟ ଅବଦାନ ରଖିଯାଇଛନ୍ତି । ଡିସ୍କୋ କିଙ୍ଗ୍ ବଲିଉଡ ଓ ବଙ୍ଗାଳା ବ୍ୟତୀତ ତେଲୁଗୁ, ତାମିଲ, କନ୍ନଡ ଓ ଓଡ଼ିଆ ଭାଷାରେ ଶତାଧିକ ଗୀତରେ କଣ୍ଠଦାନ କରିଛନ୍ତି ।

ବାପି ଲାହରୀ ୧୯୭୦ ରୁ ୧୯୯୦ ଦଶକ ପୂର୍ବରୁ ନୟା କାଦମ୍, ଆଙ୍ଗାନ୍ କି କାଲୀ, ୱାର୍ଡାଟ୍, ଡିସ୍କୋ ଡାନ୍ସର୍, ହାଥକାଡି, ନମାକ ହାଲାଲ୍, ମାଷ୍ଟରଜୀ ଭଳି ୩୩ ଟି ଚଳଚ୍ଚିତ୍ର ପାଇଁ ୧୮୦ରୁ ଅଧିକ ଗୀତ ରେକର୍ଡିଂ କରି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ପ୍ରବେଶ କରି ଭାରତୀୟ ସଙ୍ଗୀତ ଜଗତରେ ବହୁ ସୁନାମ ଆଣିଥିଲେ । ଲାହିରିଙ୍କ ଗୀତ 'ଥୋଡା ରେଶମ୍ ଲାଗଟା ହ.. ' ର କିଛି ଅଂଶ ଆମେରିକୀୟ ଗାୟକ ଟ୍ରୁଥ୍ ହର୍ଟଙ୍କ ୨୦୦୨ ଗୀତ 'ଯୋଗୀ' ରେ ଅନ୍ତର୍ଭୁକ୍ତ ହୋଇଥିଲା । ପରବର୍ତ୍ତୀ ସମୟରେ ଲସ୍ ଆଞ୍ଜେଲ୍ସର ଜଣେ ଫେଡେରାଲ୍ ଜଜ୍ ସିଡିର ଅଧିକ ବିକ୍ରିକୁ ବାରଣ କରିଥିଲେ, ଯେପର୍ଯ୍ୟନ୍ତ ଲାହିରି ଗୀତର କ୍ରେଡିଟରେ ତାଲିକାଭୁକ୍ତ ହୋଇନଥିଲେ । ବାପି ଲାହିରି ୨୦୧୨ରେ ମାସାଚୁସେଟ୍ସ ଲିଟଲେଟନର ମଞ୍ଚରେ ଲାଇଭ୍ ପ୍ରଦର୍ଶନ କରି ଅଜସ୍ର ଖ୍ୟାତି ଲାଭ କରିଥିଲେ । ଏପରିକି ସେ ଭାରତୀୟ ସିନେମାରେ ସିନ୍ଥାଇଜଡ୍ ଡିସ୍କୋ ମ୍ୟୁଜିକ୍ ବ୍ୟବହାରକୁ ଲୋକପ୍ରିୟ କରିଥିଲେ । ତାଙ୍କର କିଛି ନିଜସ୍ୱ ରଚନାକୁ ଗାନ କରିଥିଲେ । ତାଙ୍କର ଅମର ସଙ୍ଗୀ, ଆଶା ହେ ଭାଲୋବାଶା, ଅମର ତୁମି, ଅମର ପ୍ରେମ, ମାଣ୍ଡିରା, ବାଦନାମ, ରାକେଲେଖା, ପ୍ରିୟା ଇତ୍ୟାଦି ବଙ୍ଗଳା ଚଳଚ୍ଚିତ୍ରରେ ପ୍ରମୁଖ ବକ୍ସ ଅଫିସରେ ସଫଳତା ପ୍ରଦାନ କରିଥିଲେ । ସେ ୧୯୮୦ ରୁ ୧୯୯୦ ଦଶକ ମଧ୍ୟରେ ୱାର୍ଡ଼େଟ୍, ଡିସ୍କୋ ନୃତ୍ୟଶିଳ୍ପୀ, ନମାକ ହାଲାଲ, ଶାରାବି, ନାଉକର ବିଓ୍ୱି କା, ନୟା କାଦମ, ମାଷ୍ଟରଜୀ, ବେଓ୍ୱାଫାଇ, ମକସାଦ, ସୁରଗ, ଇନସାଫ ମେନ୍ କରୋଙ୍ଗା, ଡ୍ୟାନ୍ସ ଡ୍ୟାନ୍ସ, କମାଣ୍ଡୋ, ସାହେବ, ଆଖିକର ଭଳି ଚଳଚ୍ଚିତ୍ର ସାଉଣ୍ଡଟ୍ରାକ୍ ସହିତ ଲୋକପ୍ରିୟ ହୋଇଥିଲେ । ମିଥୁନ ଚକ୍ରବର୍ତ୍ତୀଙ୍କ ଅନେକ ଚଳଚ୍ଚିତ୍ରରେ ବାପି ସ୍ୱକୀୟ ରଚିତ ଗୀତ ସହିତ ଅଭିନୟ କରିଥିଲେ, ଯାହାକି ତାଙ୍କୁ କ୍ୟାରିୟରରେ ପ୍ରମୁଖ ଅବଦାନ ଦେଇଥିଲା ।

ଭାରତରେ ପପ୍ ସଂସ୍କୃତିରେ ଏକ ଅବିସ୍ମରଣୀୟ ଚିତ୍ର ସୃଷ୍ଟି କରି ବହୁ ସୁନା, ଚଷମା ଓ ଉଜ୍ଜ୍ୱଳ ପୋଷାକ ପିନ୍ଧିବାର ସଉକ ରଚନା ତାଙ୍କର ଟ୍ରେଡ୍ ମାର୍କ ଶୈଳୀ ପାଇଁ ଥିଲେ ଅତି ଜଣାଶୁଣା । ତାଙ୍କର ଅନେକ ମୂଳ ଗୀତ ଅଦ୍ୟାବଧି ଚଳଚ୍ଚିତ୍ରରେ ରିମିକ୍ସ ରୂପେ ପୁନଃ ବ୍ୟବହାର କରାଯାଏ । ସେ ଆନ୍ତର୍ଜାତିକ ଧ୍ୱନି ସହିତ ଭାରତୀୟ ସଙ୍ଗୀତର ମିଶ୍ରଣ କରିଥିଲେ । ୨୦୧୬ର ଶେଷ ଭାଗରେ, ଲାହିରୀ ଡିସ୍ନି ର ଥ୍ରିଡି କମ୍ପ୍ୟୁଟର-ଆନିମେଟେଡ୍ କଳ୍ପନା ଦୁଃଖ ସାହସିକ ଚଳଚ୍ଚିତ୍ର ମୋନା ର ହିନ୍ଦୀ-ଡବ୍ ସଂସ୍କରଣରେ ତାମାଟୋଆର ଚରିତ୍ରକୁ ସ୍ୱର ଦେଇଥିଲେ । ସେ 'ଜ୍ୟୋତି' ର ହିନ୍ଦୀ ସଂସ୍କରଣ 'ଶୋନା' (ସୁନା) ରଚନା କରିଥିଲେ ଓ ଗାଇଥିଲେ । ଆନିମେଟେଡ୍ ଚରିତ୍ର ପାଇଁ ଏହା ତାଙ୍କର ପ୍ରଥମ ଥର ପାଇଁ ଡବିଂ ଥିଲା ଓ ସେ ରାମରାଟାନ୍ ଗୀତ 'ୟେ ହ ସ ଡ୍ୟାନ୍ସ ବାର୍' ରେ ମଧ୍ୟ ଅଭିନୟ କରିଥିଲେ । ସେ ୬୩ ତମ ଫିଲ୍ମଫେୟାର ପୁରସ୍କାରରେ ଫିଲ୍ମଫେୟାର ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ ଜିତିଥିଲେ ।

ସତରେ ବାପିଙ୍କ ନାଇଟ୍ସ ହେଉଛି ପିଲାମାନଙ୍କ ପାଇଁ ବଡ ହେବା ଭଳି ଜୀବନ ଶୈଳୀ । କାରଣ ଏକ ବିଚ୍ଛିନ୍ନତା ଯୁଦ୍ଧରୂପୀ କାର୍ଯ୍ୟରେ ଏକ ଖରାପ ଦିନକୁ ସଜାଡି ଦେବାଭୂ ବାପି ତାଙ୍କର ଦୃଢ ମନୋବଳ, ଆତ୍ମବିଶ୍ୱାସ, ସଂକଳ୍ପ ଦ୍ୱାରା ସଙ୍ଗୀତର ଶୀର୍ଷରେ କେବଳ ପାଦ ଥାପି ନଥିଲେ ବରଂ ସଂଗୀତକୁ ଶୀର୍ଷରେ ପହଞ୍ଚାଇ ଦେବାରେ ସଫଳ ହୋଇଥିଲେ । ସେ ଚମତ୍କାର ଢଙ୍ଗରେ ବଙ୍ଗାଳୀ ଉଚ୍ଚାରଣ ହୋଇଥିବା ହିନ୍ଦୀକୁ ଗାନ କରିବାରେ ସକ୍ଷମ ହେଉଥିଲେ । ସେ ଗାଇଥିବା ପ୍ରତ୍ୟେକ ଧାଡିରେ ତାଙ୍କ ଚମତ୍କାର ହସ ଅବିସ୍ମରଣୀୟ ପାଲଟିଗଲା । ବାପିଙ୍କ ନାଇଟ୍ସ ପାଇଁ ଏକ ଉତ୍ସର୍ଗୀକୃତ ଡ୍ୟାନ୍ସଫ୍ଲୋର-ସଜ୍ଜିତ ମ୍ୟୁଜିକ୍ ରୁମ୍ ଏବେ କେବଳ ତାଙ୍କୁ ମନେପକାଇ ଝୁରିବ । ପ୍ରକୃତରେ ଲାହିରି ଏକ ଭିନ୍ନ ସଂଗୀତ ସୃଷ୍ଟି କରୁଥିଲେ । ସେ ନିଜସ୍ୱ ଶୈଳୀରେ ସଂଗୀତ ପ୍ରସ୍ତୁତ କରିଥିଲେ , ଯାହାକୁ 'ଦେସି ଡିସ୍କୋ' ବୋଲି କହୁଥିଲେ । ସେ ସମସ୍ତଙ୍କ ପାଇଁ ଟ୍ୟାପ୍ ମ୍ୟୁଜିକ୍ ସୃଷ୍ଟି କରିଥିଲେ, ଯାହା ବର୍ତ୍ତମାନର ଯୁବପିଢି ଓ ଆଗାମୀ ପିଢ଼ି ପାଇଁ ସର୍ବଦା ହିଟ୍ ହୋଇ ରହିଥିବ । ଏପରିକି ଓଡ଼ିଆ ସିନେ ଜଗତରେ ସେ ଅଭୁଲା ରହିବେ । ୧୯୯୪ରେ ମୁକ୍ତିଲାଭ କରିଥିବା ଏକ ଚଳଚ୍ଚିତ୍ର ଓଡ଼ିଆ 'ଅକୁହା କଥା' ରେ ସ୍ୱର ସଂଯୋଜନା କରିଥିଲେ । ଏକଦା ବାପି ଲହରୀ ପିତାଙ୍କ ସହିତ ହୋଟେଲରେ ଥିବା ସମୟରେ ରାତି ଅଧରେ ଏକ କଲ ଆସିଥିଲା । ତାଙ୍କ ଭାଷାରେ ସେ କହିଛନ୍ତି- ସେତେବେଳେ ସେ ଫିଜି ଦ୍ୱୀପପୁଞ୍ଜରେ ଏକ ବିକ୍ରି ହୋଇଥିବା କନ୍ସର୍ଟକୁ ଶେଷ କରିସାରିଥିଲେ । ସେ ତାଙ୍କ ପିତାଙ୍କ ସହିତ ହୋଟେଲରେ ରାତ୍ରୀ ଭୋଜନ ପାଇଁ ବସିଥିବା ବେଳେ ରିସେପ୍ସନ୍ ବୟ ଆସି ଡାକି ତା'ଙ୍କୁ କହିଲା ଯେ କେହି ଜଣେ ତାଙ୍କୁ ଭେଟିବାକୁ ଚାହୁଁଛନ୍ତି । ଏତେ ରାତିରେ ସେ ଆଶ୍ଚର୍ଯ୍ୟ ହୋଇ ପଡିଥିଲେ , କିଏ ସେହି ଆଗନ୍ତୁକ, ଏତେ ବିଳମ୍ବିତ ରାତିରେ ଡାକିପାରେ ? ସେହି ଆଗନ୍ତୁକ ବ୍ୟକ୍ତିଙ୍କୁ ସେ ଯେଉଁଠାରେ ବସିଥିଲେ ସେହି ସ୍ଥାନକୁ ପଠାଇବା ପାଇଁ ତାଙ୍କର ପିତା ହୋଟେଲ ବୟକୁ କହିଥିଲେ । ଆଗନ୍ତୁକ ଜଣକ ଥିଲେ ଜଣେ ଭଦ୍ର ମହିଳା । ଭାବର ଆଦାନପ୍ରଦାନ ହେବା ପରେ, ଭଦ୍ର ମହିଳା ତା'ଙ୍କ ହାତରେ ଏକ ବ୍ୟାଗ୍ ଧରାଇ ଲାହିରିଙ୍କୁ କହିଲେ, 'ମୁଁ ଜାଣେ ତୁମେ ଜଣେ ସୁନା ମଣିଷ । ଆଜି ରାତିରେ ତୁମେ କରିଥିବା ଗୀତ, ୟାଦ ଆ ରାହ ହ । ତେରା ପ୍ୟାର୍ ଡିସ୍କୋ ଡାନ୍ସର୍, ୧୯୮୨ ଏହା ମୋତେ ସ୍ପର୍ଶ କଲା । କନ୍ସର୍ଟରେ ମୁଁ ତୁମକୁ କିଛି ଦେଇ ପାରିବି ନାହିଁ - ମୋର ସମସ୍ତ ସୁନା ଏଠାରେ ଅଛି ।' ଭାରତର ଡିସକୋ କିଙ୍ଗ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । କିନ୍ତୁ ସେ କିଛି କହିବା ପୂର୍ବରୁ ତାଙ୍କ ପିତା ଚିତ୍କାର କରି କହିଥିଲେ, " ଇଟନା ସୋନା ଟୋହ ଉସକେ ଗାଲେ ମେନ୍ ହାଏ ସେ ବେକରେ ଏତେ ସୁନା ପିନ୍ଧିଛନ୍ତି ! " ବାସ୍ତବରେ ଜଣେ ସୁନା ମଣିଷକୁ ହରାଇ ଦେଇଛି ଏ ଦେଶ । ଗତ ଫେବୃଆରୀ ୬ ତାରିଖ ରାଣୀ ଅଫ୍ ମେଲୋଡି' ଏବଂ 'ନାଇଟିଙ୍ଗଲେ ଅଫ୍ ଇଣ୍ଡିଆ' ଭାବେ ଜଣାଶୁଣା ଲତା ମଙ୍ଗେଶକରଙ୍କୁ ହରାଇ ଥିଲା । ତାଙ୍କ ସମ୍ମାନାର୍ଥେ ଦୁଇ ଦିନ ଧରି ଜାତୀୟ ଶୋକ ଘୋଷଣା କରାଯାଇଥିଲା, ଯାହାର ଅବଧି ପାଇଁ ଜାତୀୟ ପତାକା ଅଧନମିତ ଥିଲା । ଶିବାଜୀ ପାର୍କରେ ତାଙ୍କର ଅନ୍ତିମ ସଂସ୍କାରରେ ପ୍ରଧାନମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ରାଜନେତାମାନେ ଅଶ୍ରୁସିକ୍ତ ନୟନରେ ଶେଷ ବିଦାୟ ଦେଇଥିଲେ । ତାଙ୍କ ଭଉଣୀ ଆଶା ଭୋସଲେ ଏବଂ ଉଷା ମଙ୍ଗେଶକର ଅନ୍ତିମ ସଂସ୍କାରରେ ଶାହରୁଖ ଖାନ ଏବଂ ସଚିନ ତେନ୍ଦୁଲକରଙ୍କ ପରି ସେଲିବ୍ରିଟିମାନେ ମଧ୍ୟ ଉପସ୍ଥିତ ଥିଲେ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଏପରିକି ସେଦିନ ଇଣ୍ଡିଆନ୍ କ୍ରିକେଟ୍ ଟିମ୍ ଖେଳାଳିମାନେ ଭାରତ ବନାମ ୱେଷ୍ଟଇଣ୍ଡିଜ୍ ମ୍ୟାଚ୍‌ରେ ଥାଇ ମଙ୍ଗେଶକରଙ୍କ ନିମନ୍ତେ ଶୋକ କରିବାକୁ ଯାଇ ହାତରେ କଳା ବାହୁ ପିନ୍ଧିଥିଲେ ।

ସେଭଳି ଲତା ମଙ୍ଗେଶକରଙ୍କୁ 'ନାଇଟିଙ୍ଗଲେ ଅଫ୍ ଇଣ୍ଡିଆ' କୁହାଯାଉଥିବାବେଳେ ବଙ୍ଗଳାର ଟାଇଟଲ୍ ନିଶ୍ଚିତ ଭାବରେ ସାନ୍ଧ୍ୟା ମୁଖାର୍ଜୀଙ୍କର ଥିଲା । ବେଙ୍ଗଲରେ ସଙ୍ଗୀତର ଆଠ ଦଶନ୍ଧିରୁ ଉର୍ଦ୍ଧ୍ୱ ତିଷ୍ଠି ଆସିଥିବା ପ୍ରସିଦ୍ଧ ଗାୟିକା ତଥା ସଂଗୀତରେ ଅଭିନୟ ପାଇଁ ପଦ୍ମଶ୍ରୀ ଲାଭ କରିଥିବା ପ୍ରିମା ଡୋନା, ଯାହାର ନାମ "ଗୀତାଶ୍ରୀ" ୯୦ ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଛି । ଅବଶ୍ୟ ସେ ପୁରସ୍କାର ତାଙ୍କୁ ବିଳମ୍ବରେ ଦିଆଯାଇ ଥିବାରୁ ଏହାକୁ ଅପମାନ ମନେ କରି ମନା କରିଦେଇଥିଲେ । ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟ୍ୱିଟରରେ ସମବେଦନା ଜଣାଇବା ସହ ପ୍ରକାଶ କହିଥିଲେ ଯେ ସେ ତାଙ୍କ ବଡ଼ ଭଉଣୀ ଭାବରେ ତାଙ୍କୁ ଦେଖୁଥିଲେ ଏବଂ ଏହା ତାଙ୍କ ପାଇଁ ଏକ ବ୍ୟକ୍ତିଗତ କ୍ଷତି । ଜଣେ ଗାୟକ ଭାବରେ ମୁଖାର୍ଜୀଙ୍କ କ୍ୟାରିଅର୍ ମୁଖ୍ୟତଃ ବଙ୍ଗଳାରେ ଆଠ ଦଶନ୍ଧି ବ୍ୟାପିଥିଲା । ସେ ଅନେକ ହିନ୍ଦୀ ଚଳଚ୍ଚିତ୍ର ପାଇଁ ମଧ୍ୟ ଗୀତ ଗାଇଥିଲେ । ବାପି ଲାହିରିଙ୍କ ପରି ଥିଲେ ବଙ୍ଗଳାର ଅନ୍ୟ ଏକ ସଂଗୀତ କିମ୍ବଦନ୍ତୀ ସାନ୍ଧ୍ୟା ମୁଖାର୍ଜୀଙ୍କ ପରି ସଙ୍ଗୀତଜ୍ଞ । ଭାରତୀୟ ଚଳଚ୍ଚିତ୍ର ସଙ୍ଗୀତର ଶ୍ରେଷ୍ଠ ସଂଗୀତକାରମାନଙ୍କ ମଧ୍ୟରେ ବାପି ଲାହିରି ଅନ୍ୟତମ । ସେ ବଲିଉଡ ସଂଗୀତର ଧ୍ୱନି ଏବଂ ଅନୁଭବକୁ ବୈପ୍ଳବିକ କରି ଭାରତରେ ଡିସ୍କୋ ଆଣି ଅନେକ ଚିର ସବୁଜ ନମ୍ବର ବିତରଣ କରିଥିଲେ ଯାହାକି ଆଗାମୀ ବର୍ଷ ପାଇଁ ଲୋକପ୍ରିୟ ରହିବ ।

ବାପି ଲାହିରି ସଙ୍ଗୀତ ସହିତ ତାଙ୍କ ସୁନା ପିନ୍ଧାପାଇଁ ବେଶ ପରିଚିତ ହୋଇଥିଲେ । ବାପି ଏକ ସାକ୍ଷାତକାରରେ କହିଥିଲେ ଯେ, ସେ ଆମେରିକାର ପପ୍ ଷ୍ଟାର୍ ଏଲଭିସ୍ ପ୍ରେସ୍ଲିଙ୍କ ଦ୍ୱାରା ବହୁତ ପ୍ରଭାବିତ ହୋଇଥିଲେ । ପ୍ରେସଲି ତାଙ୍କ କନସର୍ଟ ସମୟରେ ଏକ ସୁନା ଚେନ୍ ପିନ୍ଧୁଥିଲେ । ତେଣୁ ସେ ପ୍ରେସଲିଙ୍କୁ ଦେଖୁଥିଲେ ଏବଂ ଭାବୁଥିଲେ ଯେ ଜୀବନରେ ସଫଳତା ହାସଲ କରିବା ପରେ ସେ ମଧ୍ୟ ନିଜର ଏକ ବଡ଼ ପରିଚୟ ସୃଷ୍ଟି କରିବେ । ପ୍ରେସ୍ଲି ଦ୍ୱାରା ପ୍ରଭାବିତ ହୋଇ ସେ ସୁନା ପିନ୍ଧୁଥିଲେ ଏବଂ ଏହା ତାଙ୍କ ପାଇଁ ବହୁତ ଲକି ମଧ୍ୟ ଥିଲା । ଅନ୍ୟପକ୍ଷରେ ତାଙ୍କର ସଉକ ଓ ଲୋକପ୍ରିୟ ଡିସ୍କୋ-ଇଲେକ୍ଟ୍ରୋନିକ୍ ସଙ୍ଗୀତ ବ୍ୟତୀତ, ବାପି ଲାହିରୀ ତାଙ୍କ ସାର୍ଟ ?ରିଆଲ୍ ଶୈଳୀର ଲୁକ୍ ପାଇଁ ସୁନା ଚେନ୍, ସୁବର୍ଣ୍ଣ ଅଳଙ୍କାର, ଭେଲଭେଟୀ କାର୍ଡିଗାନ୍ ଏବଂ ଚଷମା ପାଇଁ ବେଶ୍ ଜଣାଶୁଣା ଥିଲେ । ଭାରତୀୟ ସଙ୍ଗୀତ ଜଗତର ସେ ଥିଲେ ଜଣେ ଅବିସ୍ମରଣୀୟ ଚେହେରା । ବାସ୍ତବରେ ସେ ଏକାଧାରରେ ଜଣେ ସିଙ୍ଗର, କମ୍ପୋଜର, ରାଜନେତା, ରେକର୍ଡ ପ୍ରଡ୍ୟୁସର ଥିଲେ । ସେ ଭାରତୀୟ ମ୍ୟୁଜିକକୁ ଡିସ୍କୋ ମ୍ୟୁଜିକକୁ ଏକ ଅଲଗା ଷ୍ଟାଇଲରେ ନେଇ ଆସିଥିଲେ । ସେ ଡିସ୍କ ? ଡ୍ୟାନ୍ସର, ବାରଦାତ, ନମକ ହଲାଲ, ଶରାବୀ, କମାଣ୍ଡୋ ଫରି ଫିଲ୍ମରେ ହିଟ୍ ଟ୍ରାକ୍ ଦେଇ ଫେମସ୍ ହୋଇଥିଲେ ଏହା ଅଭୁଲା ହୋଇ ରହିବ । ସ୍ୱଳ୍ପ ବ୍ୟବଧାନରେ ଫେବୃଆରୀ ୬ରେ ଭାରତୀୟ ସଙ୍ଗୀତ ସରସ୍ୱତୀ ସାମାଜ୍ଞୀ ଲତା ଓ ଫେବୃଆରୀ ୧୫ରେ ସୁମଧୁର ବଙ୍ଗଳା ସଂଗୀତ ଗାୟିକା ଗୀତାଶ୍ରୀ ଓ ଫେବୃଆରୀ ୧୬ରେ ଭାରତର 'ଡିସ୍କୋ କିଙ୍ଗ' ବାପି ଲାହିରିଙ୍କୁ ମ୍ୟୁଜିକ୍ ଇଣ୍ଡଷ୍ଟ୍ରି ତିନୋଟି ରତ୍ନ ହରାଇଦେଇଛି... ସତରେ ଲତା, ଗୀତା, ବାପି ୟାଦ ରହା ହେ.. !!!

# ବାକ୍ୟବୀର ନୁହେଁ କର୍ମବୀର ବାଛିବା

ବିଜ୍ଞାନ ରଞ୍ଜନ ସାହୁ
କୃଷି ସ୍ନାତୋତ୍ତର ,
ଓୟୁଏଟି ଭୁବନେଶ୍ୱର
,୯୫୫୬୨୫୯୯୧୯

ବିଶ୍ୱର ସର୍ବ ବୃହତ ଗଣତନ୍ତ୍ରର ରାଷ୍ଟ୍ର ଭାରତ ଏବଂ ଆମ ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କ ସମ୍ମାନକୁ ସର୍ବୋଚ୍ଚ ସ୍ତରରେ ସ୍ଥାପନା କରିବା ସହ ଆମର ଏକତା ଏବଂ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିଛି । ଆଉ ଏଇଥୀ ପାଇଁ ତ ଆମ ସମ୍ବିଧାନ ହେଉଛି ବିଶ୍ୱ ଗଣତନ୍ତ୍ରର ସର୍ବୋତ୍କୃଷ୍ଟ ଉପଲବ୍ଧ ।କୁହାଯାଏ ଏଇଠୀ ବର୍ଷକ ବାର ମାସ ଆଉ ଛ ଋତୁ କିନ୍ତୁ ପ୍ରତୀ ପାଞ୍ଚ ବର୍ଷରେ ଥରେ ଗୋଟେ ନୂଆ ଋତୁ ଅସେ ଯାହା ବଦଳାଇ ଦେଇ ଥାଏ ଆଗାମୀ ପାଞ୍ଚ ବର୍ଷର ପାଣିପାଗ ଓ ପରିବେଶ ହଁ ଆଜ୍ଞା ନିର୍ବାଚ୍ଚନ ଋତୁ । ଋତୁ ଆଗମନରେ ଗାଁ ଗହଳି ଚଳଚଞ୍ଚଳ ହୋଇପଡେ , ଚତୁଃପାଶ୍ୱର୍‌ରେ ପ୍ରତିଶୃତିର ମଳୟ ପବନ ସାଙ୍ଗକୁ ବିକାଶର କଳାବାଦଲ କାୟା ବିସ୍ତାର କରେ , ଜନତାଙ୍କ ମନ ଜିଣିବାର ଖେଳିବୁଲେ କାହୁଁ କେତେ ମନ ମୋହ କଥା , ଗରିବ ହୃଦୟେ ପୁଣି ଜାଗି ଉଠେ ଆଶାର ସଂଚାର , ପୁଣି ଥରେ ନେତା ଙ୍କ ମନରେ ଚେଇଁ ଉଠେ ମାତୃଭୂମୀ ର ସେବା ପାଇଁ ଶୋଇପଡିଥିବା ନିଛକ ଶପଥ ଆଉ ଆଖି ଆଗରେ ନାଚି ଉଠେ ଗାଁ ବିକାଶର କଥା । ଆମ ଭାରତର ସମ୍ବିଧାନ ପ୍ରଦତ୍ତ ଛଅଟି ମୌଳିକ ଅଧିକାର ମଧ୍ୟରୁ ସମାନତାର ଅଧିକାର, ସ୍ୱାଧୀନତାର ଅଧିକାର, ଧର୍ମଗତ ସ୍ୱାଧୀନତାର ଅଧିକାର ଏବଂ ସାଂସ୍କୃତିକ ଓ ଶିକ୍ଷା ଅଧିକାର ପ୍ରକାରାନ୍ତରେ ବହୁ ପୂର୍ବରୁ ଭାରତରେ ପ୍ରଚଳିତ। ଦୀର୍ଘ ବର୍ଷର ଇଂରେଜୀ ଶାସନ ଏବଂ ଅତ୍ୟାଚାରକୁ ସହି ପରାଧୀନ ଭାବେ ମୁଣ୍ଡ ନୁଆଇଁ ବହୁ ଅସହ୍ୟ କଷ୍ଟ ସହ୍ୟ କରି ଦେଶର ବୀର ପୂତ୍ରଙ୍କ ବଳିଦାନ ,ଅଦ୍ୟମ ସହ୍ୟ ଶକ୍ତି ଏବଂ ଅହିଂସା ନୀତି ଫଳରେ ଆମେ ସ୍ୱାଧୀନ ହୋଇଛେ । ସ୍ୱାଧୀନ ଅର୍ଥାତ୍ ଆମେ ନିଜେ ନିଜକୁ ଶାସନ କରୁଛେ ଏବଂ ନିର୍ବାଚ୍ଚନ ଏହା ଆମ ଦ୍ୱାରା ଆମକୁ ଶାସନ କରିବାର ଅନୁମତି ଦେବା ପାଇଁ ଏକ ସ୍ୱଚ୍ଛ ମାଧ୍ୟମ ।ଆମ ମାନଙ୍କ ମଧ୍ୟରୁ ସମାଜର ଓ ମାତୃଭୂମିର ବିକାଶ ପାଇଁ ଜଣେ ଆଦର୍ଶ ,ସ୍ୱଚ୍ଛ ମାନସିକତା, ନୈତିକତା, ଦାୟିତ୍ୱବୋଧ ଓ କର୍ତ୍ତବ୍ୟନିଷ୍ଠା ବ୍ୟକ୍ତିର ଚୟନ । ମଣିଷ ଜାତିର ଆବାଳବୃଦ୍ଧବନିତା ଠାରୁ ପରିବେଶ ଏବଂ ସମସ୍ତ ଜୀବଜନ୍ତୁ ଙ୍କୁ ଉଚିତ ଶାସନ ସହିତ ସୁରକ୍ଷା ଦେବା ପାଇଁ ଏକ କର୍ମବିରର ଚୟନ ସଙ୍ଗେ ଜଣେ ଦକ୍ଷ ସୁଶାସକର ସନ୍ଧାନ । ସ୍ୱାଧୀନତା ପରେ ଗ୍ରାମ ସ୍ୱରାଜ ନାରାର ସଫଳ ରୂପାୟନପାଇଁ ଗାଁ'ରୁ ହିଁ ଶାସନର ଶୁଭାରମ୍ଭ ଦିଆଯାଇ ଗ୍ରାମର ବିକାଶ ହିଁ ରାଷ୍ଟ୍ରର ବିକାଶ ବୋଲି ପ୍ରତ୍ୟେକ ରାଜନେତାର କର୍ତ୍ତବ୍ୟ ବୋଲି ଘୋଷଣା କରାଯାଇଥିଲା । ଲୋକମାନେ ନିଜ ପାଇଁ ଭାବୁଥିବା ବିକାଶର ପରିକଳ୍ପନା ଏବଂ ସରକାର ଆମ ପାଇଁ ଭାବୁଥିବା ପରିକଳ୍ପନା ଭିତରେ ଆକାଶ ପାତାଳ ତଫାତ୍ । କୌଣସି ଏକ ନୂତନ କାମ କିମ୍ବା ଯୋଜନା ହେଲେ ଏହା କିଛି ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ବେଳେ ଅନ୍ୟ କିଛି ଲୋକଙ୍କ ପାଇଁ ଏହା ମଙ୍ଗଳ ଅଟେ ।ରାଜ୍ୟ ସରକାର ଙ୍କ ତରଫରୁ ଗାଁ ର ବିକାଶ ପାଇଁ ଅନେଗୁଡ଼ିଏ ଯୋଜନା ପ୍ରସ୍ତୁତ କରାଯାଇଅଛି । ଏହି ଯୋଜନା ଗୁଡିକ ଦ୍ୱାରା ରାଜ୍ୟରେ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ଅନେକ ପରିବାରର ସହ ସବୁ ବର୍ଗର ଜନତାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଏବଂ ପ୍ରତ୍ୟେକ ସ୍ତରରେ ଉନ୍ନତୀ ପାଇଁ ରାସ୍ତା ଫିଟୁଛି । ଅନ୍ନପୂର୍ଣ୍ଣା ଯୋଜନା, ଅନ୍ତୋଦୟ ଯୋଜନା, ନାରୀ ଓ ଶିଶୁକଲ୍ୟାଣ ସମିତି - ଗ୍ରାମ ସଡ଼କ ଯୋଜନା , ମୋ ଗାଁ ମୋ ବିକାଶ ଯୋଜନା , ଆବାସ ଯୋଜନା , ବାର୍ଦ୍ଧକ୍ୟ ପେନସନ ଯୋଜନା ଆଦି ବହୁ ରଙ୍ଗବେରଙ୍ଗର ଯୋଜନା ଗାଁ ଉନ୍ନତିର ମାର୍ଗ ଫିଟିଛି ବୋଲି ସବୁ ଗଣମାଧ୍ୟମରେ ପ୍ରଚାରିତ ଏବଂ ଖବରକାଗଜମାନଙ୍କରେ ମଧ୍ୟ ଆମେ ଦେଖିବାକୁ ପାଇଥାଉ । ତେବେ ଦିଲ୍ଲୀ ଓ ଭୁବନେଶ୍ୱରରୁ ଲୋକମାନଙ୍କ ପାଇଁ ତିଆରି କରାଯାଉଥିବା ଏହି ବିକାଶ ଯୋଜନା ଓ ସାହାଯ୍ୟ ଅନୁଦାନ କିଏ ସଠିକ ଭାବେ ଲୋକଙ୍କ ପାଖରେ ପହଞ୍ଚାଇ ପରିଛି , ସୁଖରେ ଦୁଃଖରେ ବନ୍ଧୁଟେ ହେଇ ଏ କରୋନା ମହାମାରୀ ସମୟରେ ଗାଁ କୁ ସଠିକ୍ ଭାବେ ପରିଚାଳିତ କରି ଉଭୟ ସରକାର ଏବଂ ଜନତା ଙ୍କ ମଧ୍ୟରେ ଏକ ଉତ୍ତମ ଏବଂ ନିରାମୟ ସମ୍ପର୍କ ସୃଷ୍ଟି କରି ପ୍ରତ୍ୟକ କ୍ଷେତ୍ରର ଗ୍ରାମର ମଙ୍ଗଳ କରିଆସିଛି ସେ ହିଁ ପ୍ରକୃତ ସୁଶାସକ ।

ବର୍ତ୍ତମାନ ପଞ୍ଚାୟତ ନିର୍ବାଚ୍ଚନର ଜଳବାୟୁ ସମ୍ପୂର୍ଣ୍ଣ ନିଆର । ପ୍ରତିବର୍ଷ ରାଜନୀତିର ଚିତ୍ର ବଦଳୁଥିବା ବେଳେ ଏବେ ରାଜନୀତିରେ ଉଚ୍ଚ ଶିକ୍ଷିତଙ୍କ ପାଦ ପଡୁଛି । ଆଉ ରକ୍ତପାତ ନୁହଁ ଶାନ୍ତିର ସ୍ରୋତ ପ୍ରବାହିତ ପାଇଁ ଶିକ୍ଷିତ ଲୋକେ ମଙ୍ଗ ଧରୁଥିବା ଦେଖିବାକୁ ମିଳୁଛି । ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚ୍ଚନରେ ଅଧିକାଂଶ ଯୁବପିଢ଼ି ଓ ଉଚ୍ଚ ଶିକ୍ଷିତ ପ୍ରାର୍ଥୀ ହୋଇ ନିର୍ବାଚ୍ଚନ ମୈଦାନକୁ ଓହ୍ଲାଇଛନ୍ତି କେତେକ ଜାଗାରେ ଏମବିଏ , ସ୍ନାତକତୋର, ବିଟେକ ଏବଂ ଏମଫିଲ ଯୋଗ୍ୟତା ଅର୍ଜନ କରିଥିବା ଉଚ୍ଚ ଶିକ୍ଷିତ ଯୁବକଯୁବତୀ ସରପଞ୍ଚ ପ୍ରାର୍ଥୀ ହୋଇଛନ୍ତି । ଚା ଦୋକାନ ହେଉକି ରାସ୍ତା କଡ କି ନଈ ତୁଠ ସବୁଠି ସକାଳୁ ରାଜ ନେତା ଏବେ ମାଳମାଳ। ସବୁଠି ଚର୍ଚ୍ଚା କାହା ସପକ୍ଷ ରେ ଜିବ ଭୋଟ ଏହାହିଁ ସମିକ୍ଷା । ତେବେ କୋରୋନା କଟକଣା ବର୍ତ୍ତମାନର ରାଜନୀତି ଡାଡି କୁ ଏକ କିଛି ଭିନ୍ନ ରୂପ ଦେଇଛି ରହିଛି । ନିର୍ବାଚ୍ଚନୀ ଚିହ୍ନ ମିଳିବା ପରେ ଏବେ ଡିଜିଟାଲ ମଧ୍ୟମରେ ଜୋରଦାର ଚାଲିଛି ପ୍ରଚାର ଅଭିଯାନ । କରୋନା ପାଇଁ ପ୍ରଚାର ଉପରେ କିଛିଟା କଟକଣା ରହିଥିବା ବେଳେ ଏବେ ସୋସିଆଲ ମିଡିଆ ସାଜିଛି କ୍ୟାମ୍ପେନିଂର ବଡ ମାଧ୍ୟମ ।

## ପକ୍ଷୀଘର



ଦୂରନୀଳ ଆକାଶର ଅନନ୍ତ ବକ୍ଷ
ପକ୍ଷୀ ସବୁ ଉଡୁଥାନ୍ତି ଡେଣା ଝାଡି
ପଛରେ ଛାଡ଼ିତାର ପ୍ରୀୟ ସ୍ମୃତି
ଯାହାସବୁ ମନେପକାଇଦିଏ
ନିରନ୍ତର ।

ମନେପଡେ ବସିଥିବା ଡାଳ
ବାନ୍ଧିଥିବା କୁଟାକାଠି ଘର
ଅଦିନ ବତାସ
ଭାଙ୍ଗିଦେଲା ଘର ।

ଉଜୁଡିଲା ଛୋଟିଆ ସଂସାର
ଧୂଳିସାତ ହେଲା ସୁନାର ସପନ
ଜୀବନ ଲାଗିଲା ନିଛାଟିଆ ।

ଶବ୍ଦ ସବୁ ଲୁହହେଲା
ଝାଉଁଳିଲା ମନ ଉପବନ
ବୟସର କ୍ଳାନ୍ତ ଅପରାହ୍ନ ।

ଅଝଟିଆ ପଣସବୁ ଲୁଚିଗଲା
ଅନ୍ଧାର ଗହ୍ୱରରେ
କେଉଁ ଏକ ନିବୃତ କୋଣରେ
ପରସ୍ତ ପରସ୍ତ ଧୂଳି ଜମେ
ଚାଳିଶିଆ ଚଷମା କାଚରେ ।

ବେଳେବେଳେ ଅଭିମାନ
ଆଉ ହତାଶର ଅବୁଝା ପଣରେ
ବୟସର ଥୁଣ୍ଟାଡାଳ ।

ଉଦାସିଆ ଦିପହର ଛାଇ
ରୂପବତୀ ନଈର ଗାଁରେ
ପାଉଁଜି ଖୋଜେନା ପାଦ ।

ସବୁ କିଛି ନିଥର ନିଷ୍ଫଳ
ଜୀବନର ସବୁ ସତ୍ୟ
ବାରିହୋଇ ପଡେ
ଜନ୍ମମୃତ୍ୟୁ ଜାଣିସୁଦ୍ଧା
ଧାଉଁଥାଏ ସର୍ପିଳ ରାସ୍ତାରେ ।

ଆହାଶବ୍ଦ ଶୁଣିବାକୁ
ଫେରେନା ପଛକୁ
ଯିବାକୁ ହେବ ତାକୁ
ଦୂର ବହୁଦୂର ।



ଦାଶରଥୀ ଶତପଥୀ
ସଚିବ, ଓଡ଼ିଶା ବିଧାନସଭା
ମୋ:୯୩୩୭୪୪୯୩୭୩

# ଥାଣେ ଓ ଦୀଭାକୁ ସଂଯୋଗ କରୁଥିବା ରେଳ ଲାଇନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ, (ପିଆଇବି): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଥାଣେ ଓ ଦୀଭାକୁ ସଂଯୋଗ କରୁଥିବା ଦୁଇଟି ଅତିରିକ୍ତ ରେଳଲାଇନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସେ ମଧ୍ୟ ମୁମ୍ବାଇ ଉପସହରାଞ୍ଚଳ ରେଳବାଇର ଦୁଇଟି ଉପସହରାଞ୍ଚଳ ଟ୍ରେନ୍ ଚଳାଚଳକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ରର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ରେଳ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲି ଛତ୍ରପତି ଶିବାଜୀ ମହାରାଜଙ୍କ ଜନ୍ମ ଜୟନ୍ତୀ ପଡୁଥିବାରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପ୍ରଧାନମନ୍ତ୍ରୀ ନିଜର ଅଭିଭାଷଣ ଆରମ୍ଭ କରିଥିଲେ । ପ୍ରଧାନମନ୍ତ୍ରୀ ଶିବାଜୀ ମହାରାଜଙ୍କୁ ଭାରତର ଗର୍ବ, ପରିଚୟ ଏବଂ ଭାରତୀୟ ସଂସ୍କୃତିର ରକ୍ଷକ ଭାବେ ଅଭିହିତ କରିଥିଲେ।

ଥାଣେ ଏବଂ ଦୀଭାକୁ ସଂଯୋଗ କରୁଥିବା ପଞ୍ଚମ ଏବଂ ଷଷ୍ଠ ରେଳ ଲାଇନ ଲୋକାର୍ପଣ ଅବସରରେ ମୁମ୍ବାଇକର (ମୁମ୍ବାଇବାସିନ୍ଦା)ମାନଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସର୍ବଦା ଚଳଚଞ୍ଚଳ ମୁମ୍ବାଇ ମହାନଗରୀ ବାସିନ୍ଦାମାନଙ୍କର ଜୀବନକୁ ଏହି ଦୁଇଟି ରେଳଲାଇନ ଆହୁରି ସହଜ କରିବ । ଏ ଦୁଇଟି ରେଳ ଲାଇନର ଚାରିଟି ସିଧାସଳଖ ଲାଭ ବିଷୟରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ପ୍ରଥମତଃ, ଲୋକାଲ ଓ ଏକ୍ସପ୍ରେସ ଟ୍ରେନ ପାଇଁ ଅଲଗା ଲାଇନ; ଦ୍ୱିତୀୟତଃ, ଅନ୍ୟ ରାଜ୍ୟମାନଙ୍କରୁ ଆସୁଥିବା ଟ୍ରେନଗୁଡିକୁ ଲୋକାଲ ଟ୍ରେନ୍ ଅତିକ୍ରମ କରି ଚାଲିନଯିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ନାହିଁ; ତୃତୀୟତଃ, କଲ୍ୟାଣ ଓ କୁର୍ଲା ସେକ୍ସନରେ ମେଲ୍/ଏକ୍ସପ୍ରେସ ଟ୍ରେନ୍‌ଗୁଡ଼ିକ ବିନା ବାଧାରେ ଅଧିକ ସଂଖ୍ୟାରେ ଚାଲିପାରିବ ଏବଂ ଚତୁର୍ଥତଃ, ପ୍ରତି ରବିବାର ଅବରୋଧ କାରଣରୁ କଲଓ୍ୱା ମୁମ୍ବ୍ରା ଯାତ୍ରୀମାନଙ୍କୁ ସମସ୍ୟା ଭୋଗିବାକୁ ପଡିବ ନାହିଁ । ସେ କହିଥିଲେ ଯେ, ଲୋକାଲ ଟ୍ରେନର ଆଧୁନିକୀକରଣ ଏବଂ ଏଥିରେ ଯାତ୍ରୀମାନଙ୍କୁ ଅଧିକ ସୁବିଧା ଦେବା ଲାଗି କେନ୍ଦ୍ର ସରକାର ସଂକଳ୍ପବଦ୍ଧ । ଏହାର ଅଂଶବିଶେଷ ସ୍ୱରୂପ ଏସବୁ ରେଳ ଲାଇନ ଏବଂ ୩୬ଟି ନୂଆ ଲୋକାଲ ଟ୍ରେନ ଚଳାଚଳ କରାଯାଉଛି, ଏଥିମଧ୍ୟରୁ ଅଧିକାଂଶରେ ଏସି ସୁବିଧା ରହିଛି।

ସ୍ୱାଧୀନ ଭାରତର ପ୍ରଗତିରେ ମୁମ୍ବାଇ ମହାନଗରୀର ଉଲ୍ଲେଖନୀୟ ଯୋଗଦାନ ବିଷୟରେ ସ୍ମରଣ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ଆତ୍ମନିର୍ଭର ଭାରତରେ ମୁମ୍ବାଇ ମହାନଗରୀର ଯୋଗଦାନକୁ ଦୃଷ୍ଟିରେ ରଖି ଏହାର ସାମର୍ଥ୍ୟକୁ ବହୁଗୁଣିତ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି । ଏହି କାରଣରୁ ଆମେ ମୁମ୍ବାଇରେ ଏକବିଂଶ ଶତାବ୍ଦୀର ଭିତ୍ତିଭୂମି ନିର୍ମାଣ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରୁଛୁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ମୁମ୍ବାଇରେ ରେଳ ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ହଜାର ହଜାର କୋଟି ଟଙ୍କା ବିନିଯୋଗ କରାଯାଉଛି । ମୁମ୍ବାଇ ଉପସହରାଞ୍ଚଳ ରେଳ ବ୍ୟବସ୍ଥାକୁ ଆଧୁନିକ ପ୍ରଯୁକ୍ତି ସହିତ ଯୋଡା ଯାଉଛି। ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ମୁମ୍ବାଇ ଉପସହରାଞ୍ଚଳ ରେଳ ପ୍ରଣାଳୀରେ ଆହୁରି ଅତିରିକ୍ତ ୪୦୦ କିମି ରେଳଲାଇନ ବିଛାଇବା ପାଇଁ ପଦକ୍ଷେପ ନିଆଯାଉଛି ଏବଂ ୧୯ଟି ଷ୍ଟେସନରେ ଆଧୁନିକ ସିବିଟିସି ସିଗ୍ନାଲ ବ୍ୟବସ୍ଥା ଭଳି ଅତ୍ୟାଧୁନିକ ସୁବିଧା କରିବା ଲାଗି ଯୋଜନା କରାଯାଇଛି ।ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଅହମ୍ମଦାବାଦ-ମୁମ୍ବାଇ ହାଇସ୍ପିଡ୍ ରେଳ ଭାରତର ଆବଶ୍ୟକତା ଏବଂ ଏହାର ସ୍ୱପ୍ନର ସହର ଭାବେ ମୁମ୍ବାଇର ପରିଚୟକୁ ଆହୁରି ସୁଦୃଢ଼ କରିବ। ଏହି ପ୍ରକଳ୍ପକୁ ଦ୍ରୁତ ଗତିରେ ସମ୍ପୂର୍ଣ୍ଣ କରିବା ଆମର ପ୍ରାଥମିକତା ବୋଲି ସେ କହିଥିଲେ।ଭାରତୀୟ ରେଳବାଇକୁ ଅଧିକ ନିରାପଦ, ସୁବିଧାଜନକ ଏବଂ ଆଧୁନିକ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତାକୁ କରୋନା ମହାମାରୀ ସୁଦ୍ଧା ବିଚଳିତ କରିପାରିନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ସେ କହିଥିଲେ ଯେ ଗତ ଦୁଇ ବର୍ଷ ମଧ୍ୟରେ, ମାଲ ପରିବହନ କ୍ଷେତ୍ରରେ ରେଳବାଇ ନୂଆ ରେକର୍ଡ କରିଛି । ଏହି ସମୟ ମଧ୍ୟରେ ୮ ହଜାର କିଲୋମିଟର ରେଳଲାଇନର ବିଦ୍ୟୁତିକରଣ କରାଯାଇଛି ଏବଂ ୪.୫ କିଲୋମିଟର ରେଳଲାଇନ ଦୋହରୀକରଣ କରାଯାଇଛି । କରୋନା ମହାମାରୀ ସମୟରେ ଦେଶର ଚାଷୀମାନେ କିଷାନ ରେଳ ଜରିଆରେ ଦେଶବ୍ୟାପୀ ବିପଣନ ସୁବିଧା ପାଇପାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

# ଦେଶର ପ୍ରମୁଖ ଶିଖ୍ ବ୍ୟକ୍ତିବିଶେଷମାନଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦି



ନୂଆଦିଲ୍ଲୀ, (ପିଆଇବି): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନରେ ୭ ଲୋକ କଲ୍ୟାଣ ମାର୍ଗ ଠାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶିଖ୍ ସମ୍ପ୍ରଦାୟର ପ୍ରମୁଖ ବ୍ୟକ୍ତିବିଶେଷମାନଙ୍କୁ ସାକ୍ଷାତ କରିଛନ୍ତି । ଶିଖ୍ ସମୁଦାୟଙ୍କ କଲ୍ୟାଣ ପାଇଁ ନିରନ୍ତର ପଦକ୍ଷେପ ଗ୍ରହଣ କରୁଥିବାରୁ ଏହି ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ବିଶେଷ କରି, ଚାର୍ ସାହିବଜାଦେ (ଚାରି ଜଣ ସାହିବଜାଦା) ମାନଙ୍କର ସ୍ମୃତିରେ ଡିସେମ୍ବର ୨୬ ତାରିଖକୁ ବୀର ବାଲ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରିଥିବାରୁ ପ୍ରମୁଖ ଶିଖ୍ ନେତାମାନେ କୃତଜ୍ଞତା ପ୍ରକଟ କରିଥିଲେ। ଏହି ପ୍ରତିନିଧି ଦଳର ପ୍ରତ୍ୟେକ ସଦସ୍ୟ ପ୍ରଧାନମନ୍ତ୍ରୀଙ୍କୁ 'ସିରୋପାଓ' ଏବଂ 'ସିରି ସାହିବ' ଦେଇ ସମ୍ମାନିତ କରିଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଦେଶର ଅଧିକାଂଶ ଭାଗର ଲୋକମାନେ ଚାର୍ ସାହିବଜାଦେଙ୍କ ଯୋଗଦାନ ଏବଂ ବଳିଦାନ ବିଷୟରେ ଜାଣନ୍ତି ନାହିଁ। ସେ ନିଜର ଅନୁଭୂତି ସମ୍ପର୍କରେ ସ୍ମୃତିଚାରଣ କରି କହିଥିଲେ ଯେ, ବିଦ୍ୟାଳୟରେ ଏବଂ ପିଲାମାନଙ୍କ ସମ୍ମୁଖରେ ତାଙ୍କୁ ବକ୍ତବ୍ୟ ରଖିବାର ସୁଯୋଗ ମିଳିଲେ ସେ ସବୁବେଳେ ଚାର୍ ସାହିବଜାଦେମାନଙ୍କ ବିଷୟରେ କହିଥାନ୍ତି । ଡିସେମ୍ବର ୨୬ ତାରିଖକୁ ବୀର ବାଲ ଦିବସ ଭାବେ ପାଳନ କରାଯିବା ଫଳରେ ଦୀର୍ଘ ଦିନ ପର୍ଯ୍ୟନ୍ତ ଦେଶର କୋଣଅନୁକୋଣରେ ପିଲାମାନେ ସେମାନଙ୍କ ସମ୍ପର୍କରେ ଅବଗତ ହୋଇପାରିବେ।

ତାଙ୍କ ସହ ସାକ୍ଷାତ କରିଥିବାରୁ ପ୍ରଧାନମନ୍ତ୍ରୀ ଶିଖ ସମୁଦାୟର ନେତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ କହିଥିଲେ ଯେ ତାଙ୍କ ଦ୍ୱାର ସବୁବେଳେ ଶିଖ୍‌ମାନଙ୍କ ପାଇଁ ଖୋଲା ରହିଛି । ପଞ୍ଜାବରେ ରହଣି ସମୟରେ ସେମାନଙ୍କ ସହିତ ତାଙ୍କର ସମ୍ପର୍କ ଏବଂ ମିଳିତ ଭାବେ ବିତାଇଥିବା ସମୟର ସ୍ମୃତିଚାରଣ କରିଥିଲେ ।ପ୍ରଧାନମନ୍ତ୍ରୀ ଶିଖ ସମୁଦାୟମାନଙ୍କର ସେବା ଭାବନାକୁ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ବିଶ୍ୱ ଏ ସମ୍ପର୍କରେ ଅଧିକରୁ ଅଧିକ ଜାଣିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ତାଙ୍କ ସରକାର ଶିଖ ସମୁଦାୟଙ୍କ କଲ୍ୟାଣ ପାଇଁ ସମ୍ପୂର୍ଣ୍ଣ ଭାବେ ସମର୍ପିତ ରହିଛି । ଏ ଦିଗରେ ତାଙ୍କ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ଆଲୋଚନା କରିଥିଲେ। ସମ୍ପୂର୍ଣ୍ଣ ସମ୍ମାନର ସହିତ ଆଫଗାନିସ୍ତାନରୁ ଗୁରୁ ଗ୍ରନ୍ଥ ସାହିବ ଆଣିବା ଲାଗି ହୋଇଥିବା ବିଶେଷ ବ୍ୟବସ୍ଥା ସମ୍ପର୍କରେ ସେ ଆଲୋଚନା କରିଥିଲେ । ଶିଖ ଯାତ୍ରୀମାନଙ୍କ ପାଇଁ କର୍ତାରପୁର ସାହିବ କରିଡର ପୁଣି ଥରେ ଖୋଲିବା ଲାଗି କୂଟନୈତିକ ମାଧ୍ୟମରେ ତାଙ୍କ ସରକାର ଗ୍ରହଣ କରିଥିବା ପଦକ୍ଷେପ ବିଷୟରେ ସେ ଆଲୋଚନା କରିଥିଲେ।

ଶ୍ରୀ ମନଜୀନ୍ଦର ସିଂ ସିର୍ସା କହିଥିଲେ ଯେ ବୀର ବାଲ ଦିବସ ପାଳନ କରିବା ଲାଗି ଗ୍ରହଣ କରାଯାଇଥିବା ନିଷ୍ପତ୍ତି ସାରା ଦେଶର ପିଲାମାନଙ୍କୁ ଚାର୍ ସାହିବଜାଦେମାନଙ୍କ ସମ୍ପର୍କରେ ଅବଗତ କରାଇବ । କର୍ତାରପୁର ସାହିବ କରିଡରକୁ ପୁନର୍ବାର ଖୋଲିବା ଏବଂ ଲଙ୍ଗର ଉପରୁ ଜିଏସଟି ଛାଡ କରିବା ଭଳି ପଦକ୍ଷେପ ପାଇଁ ଶ୍ରୀ ପାଟନା ସାହିବ ଜଥେଦାର ତଖ୍‌ତ୍‌ର ସିଂ ସାହିବ ଗ୍ୟାନି ରଞ୍ଜିତ ସିଂ ପ୍ରଧାନମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ । ସେ ଆହୁରି କହିଥିଲେ ଯେ, ଶିଖ୍ ସମୁଦାୟଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏକାଧିକ ପଦକ୍ଷେପ ଦର୍ଶାଉଛି ଯେ ଶିଖ୍‌ମାନଙ୍କ ପାଇଁ ତାଙ୍କ ମନରେ ଅପାର ସ୍ନେହ ରହିଛି । ଜାତୀୟ ସଂଖ୍ୟାଲଘୁ ଆୟୋଗର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ତର୍ଲ ?ଚନ ସିଂ କହିଥିଲେ ଯେ, ବିଭାଜନ ସମୟରେ ବହୁସଂଖ୍ୟାରେ ପ୍ରାଣବଳି ଦେଇଥିବା ଶିଖ ସମୁଦାୟର ଯୋଗଦାନକୁ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ମାନ୍ୟତା ମିଳିପାରିଛି । ଶିଖ ସମୁଦାୟର ଯୋଗଦାନକୁ ବିଶ୍ୱସ୍ତରରେ ଉପସ୍ଥାପନ କରିଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଭାରତ-ୟୁଏଇ ଭର୍ଚୁଆଲ୍ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ




ନୂଆଦିଲ୍ଲୀ, (ପିଆଇବି): ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଆବୁଧାବିର କ୍ରାଉନ୍ ପ୍ରିନ୍ସ ମହା ମହିମ ଶେଖ ମହମ୍ମଦ ବିନ୍ ଜାଏଦ ଅଲ ନାହାନ ଆଜି ଏକ ଭର୍ଚୁଆଲ ସମ୍ମିଳନୀ ମାଧ୍ୟମରେ ସାମିଲ୍ ହୋଇଥିଲେ। ଏହି ଅବସରରେ ସମସ୍ତ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କର କ୍ରମାଗତ ଅଭିବୃଦ୍ଧିରେ ଉଭୟ ନେତା ଗଭୀର ସନ୍ତୋଷ ବ୍ୟକ୍ତ କରିଛନ୍ତି।

ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ ମହା ମହିମ କ୍ରାଉନ୍ ପ୍ରିନ୍ସ ଏକ ମିଳିତ ଭିଜନ୍ ଷ୍ଟେଟମେଣ୍ଟ ଜାରି କରିଛନ୍ତି 'ଭାରତ ଏବଂ ୟୁଏଇ ମଧ୍ୟରେ ବ୍ୟାପକ କୌଶଳ ସହଭାଗୀତା: ନୂତନ ସୀମା, ନୂତନ ମାଇଲଖୁଣ୍ଟ' । ଭାରତ ଏବଂ ୟୁଏଇ ମଧ୍ୟରେ ଭବିଷ୍ୟତ-ସହଭାଗୀତା ପାଇଁ ଏକ ରୋଡ୍ ମ୍ୟାପ୍ ପ୍ରତିଷ୍ଠା କରେ ଏବଂ ଫୋକସ୍ କ୍ଷେତ୍ର ଏବଂ ଫଳାଫଳକୁ ଚିହ୍ନଟ କରିଥାଏ। ଏହାର ଉଦ୍ଦେଶ୍ୟ ହେଉଛି ଅର୍ଥନୀତି, ଶକ୍ତି, ଜଳବାୟୁ ସମ୍ପର୍କିତ କାର୍ଯ୍ୟ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଦକ୍ଷତା ଏବଂ ଶିକ୍ଷା, ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟସେବା ଏବଂ ପ୍ରତିରକ୍ଷା ଏବଂ ନିରାପତ୍ତା ସହିତ ବିଭିନ୍ନ କ୍ଷେତ୍ରରେ ନୂତନ ବାଣିଜ୍ୟ, ପୁଞ୍ଜି ବିନିଯୋଗ ଏବଂ ନୂତନତ୍ୱକୁ ଗତିଶୀଳ କରିବା।

ଏହି ଭର୍ଚୁଆଲ୍ ସମ୍ମିଳନୀର ଏକ ପ୍ରମୁଖ ବିଶେଷତ୍ୱ ହେଉଛି ଇଣ୍ଡିଆ-ୟୁଏଇ କମ୍ପ୍ରିହେନସିଭ୍ ଇକୋନୋମିକ୍ ପାର୍ଟନରସିପ୍ ଏଗ୍ରିମେଣ୍ଟ (ସିଇପିଏ) ର ସ୍ୱାକ୍ଷର ଓ ଏକ୍ସଚେଞ୍ଜ । ଏହାକୁ ବାଣିଜ୍ୟ ଓ ଉଦ୍‌ଯୋଗ ମନ୍ତ୍ରୀ ଶ୍ରୀଯୁକ୍ତ ପିୟୁଷ ଗୋୟଲ ଓ ୟୁଏଇର ଅର୍ଥନୀତି ମନ୍ତ୍ରୀ ଏଚ୍.ଇ. ଅବଦୁଲ୍ଲା ବିନ୍ ତୋକ୍ ଅଲ୍ ମାରିଙ୍କ ମଧ୍ୟରେ ଏହି ଦୁଇ ଜଣ ଲିଡରଙ୍କ ଭର୍ଚୁଆଲ୍ ଉପସ୍ଥିତିରେ କରାଯାଇଥିଲା। ଏହି ରାଜିନାମା ମାଧ୍ୟମରେ ଭାରତ ଓ ୟୁଏଇ ବ୍ୟବସାୟରେ ଉଲ୍ଲେଖନୀୟ ଲାଭ ହେବ। ଏହାଦ୍ୱାରା ବଜାରରେ ଅଭିବୃଦ୍ଧି ହେବା ସହିତ ତାରିଫ୍ ହ୍ରାସ ପାଇବ। ଏହା ଆଶା କରାଯାଉଛି ଯେ ସିଇପିଏ ଦ୍ୱାରା ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ପାଇବ ଯାହାକି ବର୍ତ୍ତମାନର ୟୁଏସ ଡଲାର ୬୦ ବିଲିୟନରୁ ବୃଦ୍ଧି ହୋଇ ଆଗାମୀ ୫ ବର୍ଷରେ ୟୁଏସ ଡଲାର ୧୦୦ ବିଲିୟନ ଡଲାରରେ ପହଞ୍ଚିବ। ଭାରତର ସ୍ୱାଧୀନତାର ୭୫ତମ ବାର୍ଷିକୀ ଏବଂ ୟୁଏଇର ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ଅବସରରେ ଏହି ଦୁଇ ନେତା ମିଳିତ ଭାବରେ ସ୍ମରଣୀୟ ଷ୍ଟାମ୍ପ ମଧ୍ୟ ଉନ୍‌ମୋଚନ କରିଛନ୍ତି। ଶିଖର ସମ୍ମିଳନୀରେ ଭାରତୀୟ ଏବଂ ୟୁଏଇ ସଂସ୍ଥାଗୁଡ଼ିକ ମଧ୍ୟରେ ସ୍ୱାକ୍ଷରିତ ଦୁଇଟି ଏମଓୟୁ ମଧ୍ୟ ଘୋଷଣା କରାଯାଇଥିଲା। ଏଗୁଡ଼ିକ ହେଉଛି, ଖାଦ୍ୟ ସୁରକ୍ଷା କରିଡର ପଦକ୍ଷେପ ସମ୍ପର୍କରେ ଏପିଇଡିଏ ଏବଂ ଡିପି ୱାର୍ଲଡ୍ ଓ ଅଲ୍ ଧାରା ମଧ୍ୟରେ ଏମଓୟୁ। ଏହା ସହିତ ଭାରତର ଗିଫ୍ଟ ସିଟି ଓ ଆବୁଧାବି ଗ୍ଲୋବାଲ୍ ମାର୍କେଟ ଅନ୍ କୋପରେସନ ଇନ୍ ଫାଇନାନ୍ସିଆଲ୍ ପ୍ରୋଜେକ୍ଟସ ଆଣ୍ଡ ସର୍ଭିସେସ୍ ମଧ୍ୟରେ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଆଉ ଦୁଇଟି ଏମଓୟୁ – ଗୋଟିଏ ହେଉଛି ଜଳବାୟୁ ସମ୍ପର୍କିତ ସହଯୋଗ ଓ ଅନ୍ୟଟି ଶିକ୍ଷା ସମ୍ପର୍କରେ ସ୍ୱାକ୍ଷରିତ ହୋଇଛି। କୋଭିଡ ମହାମାରୀ ସମୟରେ ଭାରତୀୟ ମାନଙ୍କର ଯତ୍ନ ନେଇଥିବାରୁ ପ୍ରଧାନମନ୍ତ୍ରୀ ମହାମହିମ କ୍ରାଉନ୍ ପ୍ରିନ୍ସ ଆବୁଧାବିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**ସର୍ବଭାରତୀୟ ଗ୍ଲାମନ୍ ମିସେସ୍ ଇଣ୍ଡିଆ ପ୍ରତିଯୋଗିତା**

# ତେଜସ୍ମିତା ହେଲେ ମିସେସ୍ ଇଣ୍ଡିଆ ଦ୍ୱିତୀୟ ରନର୍ସଅପ୍




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ସର୍ବଭାରତୀୟ ସ୍ତରରେ ଆୟୋଜିତ ଗ୍ଲାମନ୍ ମିସେସ୍ ଇଣ୍ଡିଆ (ଜିରୋ ସାଇକ୍) ପ୍ରତିଯୋଗିତାରେ ଦ୍ୱିତୀୟ ରନରସ୍ଅପ୍ ବିଜେତା ତେଜସ୍ୱୀନୀ ମହାପାତ୍ର ଓଡିଶା ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ଏହି ପ୍ରତିଯୋଗିତା ପାଇଁ ଜାନୁଆରୀ ମାସରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟାନ୍ୟ ପ୍ରତିଯୋଗୀଙ୍କୁ ପଛରେ ପକାଇ ମିସେସ୍ ମହାପାତ୍ର ଯୋଗ୍ୟତା ପର୍ଯ୍ୟାୟକୁ ଉତୀର୍ଣ୍ଣ ହୋଇଥିଲେ। ଚଳିତ ମାସରେ ଗୋଆଠାରେ ଆୟୋଜିତ ଜାତୀୟସ୍ତର ପ୍ରତିଯୋଗିତାରେ ସମୁଦାୟ ୬୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରି.ଜଜିଂ, ଯୋଗ୍ୟତା, ଜାତୀୟ ପୋଷାକ, ପ୍ରଶ୍ନୋତର ଇତ୍ୟାଦି ପର୍ଯ୍ୟାୟରେ ପ୍ରତିଯୋଗୀମାନଙ୍କ ମଧ୍ୟରେ କଡା ମୁକାବିଲା ହୋଇଥିଲା। ଏଥିରେ ଭଲ ପ୍ରଦର୍ଶନ ପୂର୍ବକ ମିସେସ୍ ମହାପାତ୍ର ଫାଇନାଲ ପର୍ଯ୍ୟାୟକୁ ମନୋନୀତ ହୋଇଥିଲେ। ଫାଇନାଲରେ ଚମତ୍କାର ପ୍ରଦର୍ଶନ ସହ ମିସେସ୍ ମହାପାତ୍ର ଦ୍ୱିତୀୟ ରନରସ୍ଅପର ଟାଇଟଲ ଅର୍ଜନ କରିବାରେ ସଫଳ ହୋଇଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ, ମିସେସ୍ ମହାପାତ୍ର କଟକସ୍ଥିତ ଡଗରପଡା ନିବାସୀ ବରିଷ୍ଠ ଆଇନଜୀବୀ ଗୋକୁଳାନନ୍ଦ ମହାପାତ୍ର ଓ ଅନ୍ନପୂର୍ଣ୍ଣ ମହାପାତ୍ରଙ୍କ କନିଷ୍ଠା କନ୍ୟା ଅଟନ୍ତି। ପରିବର୍ତି ସମୟରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ତେଜସ୍ମୀତା ନିଜକୁ ପ୍ରସ୍ତୁତ କରୁଥିବା ପ୍ରକାଶ କରିଛନ୍ତି।

# ଚାଳିଶ ବର୍ଷ ପରେ ଭାରତରେ ଅନୁଷ୍ଠିତ ହେବାକୁ ଯାଉଛି ଆନ୍ତର୍ଜାତିକ ଅଲିମ୍ପିକ କମିଟି ଅଧିବେଶନ




ମୁମ୍ବଇ : ଆନ୍ତର୍ଜାତିକ ଅଲିମ୍ପିକ କମିଟିର ଆଗାମୀ ବୈଠକ ମୁମ୍ବଇର 'ଜିଓ ୱାର୍ଲଡ କନଭେନ୍‌ସନ ସେଂଟର'ରେ ଅନୁଷ୍ଠିତ ହେବ। ୨୦୨୩ରେ ହେବାକୁ ଥିବା ଏହି ବାର୍ଷିକ ବୈଠକ ଆୟୋଜନ ସ୍ଥଳକୁ ନେଇ ହୋଇଥିବା ମତଦାନରେ ଭାରତକୁ ବୈଧ ୭୬ ମତ ମଧ୍ୟରୁ ୭୫ ଜଣଙ୍କ ସମର୍ଥନ ମିଳିଛି। ବହୁମତ ହାସଲ ସହିତ ଏହି ଅଧିକାର ଜିତିବା ପରେ ଆଇଓସି (ଆନ୍ତର୍ଜାତିକ ଅଲିମ୍ପିକ କମିଟି) ସଦସ୍ୟା ଏବଂ ରିଲାଏନ୍ସ ଫାଉଣ୍ଡେସନର ଅଧ୍ୟକ୍ଷା ନୀତା ଅମ୍ବାନି ଏହା ଭାରତ ପାଇଁ ଗର୍ବ ଓ ଗୌରବର ମୁହୂର୍ତ୍ତ ବୋଲି କହିଛନ୍ତି। ଭାରତୀୟ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଇ ନୀତା ଅମ୍ବାନି ଆଇଓସିର ଆଗାମୀ ବୈଠକ ଭାରତରେ ଆୟୋଜନ କରିବା ନେଇ ଜୋର୍‌ଦାର ଦାବି ଉପସ୍ଥାପନ କରିଥିଲେ। ଆଇଓସି ସଦସ୍ୟବୃନ୍ଦଙ୍କୁ ସେ କହିଥିଲେ ଯେ, "ଭବିଷ୍ୟତରେ ଯୁବ ଅଲିମ୍ପିକ ଏବଂ ଅଲିମ୍ପିକ କ୍ରୀଡା ଭାରତକୁ ଆଣିବା ଆମର ସ୍ୱପ୍ନ। ଆମେ ଚାହୁଁଛୁ ଯେ ବିଶ୍ୱର ସବୁଠାରୁ ଯୁବରାଷ୍ଟ୍ର ଭାରତର ଯୁବପିଢି ଅଲିମ୍ପିକର ଭବ୍ୟତା ଏବଂ ବିଶାଳତାକୁ ଅନୁଭବ କରନ୍ତୁ। ଆମେ ଏହି ପ୍ରୟାସକୁ ଆହୁରି ଅଧିକ ମଜଭୁତ କରିବାକୁ ଚାହୁଁଛୁ।" ଆଇଓସିର ବାର୍ଷିକ ବୈଠକ ଆୟୋଜନ ସୁଯୋଗ ଭାରତକୁ ମିଳିବାରେ ଆନନ୍ଦ ପ୍ରକାଶ କରି ନୀତା ଅମ୍ବାନି କହିଛନ୍ତି, "ଅଲିମ୍ପିକ ଅଭିଯାନ ୪୦ ବର୍ଷ ପ୍ରତୀକ୍ଷା ପରେ ଭାରତକୁ ପ୍ରତ୍ୟାବର୍ତନ କରୁଛି। ୨୦୨୩ରେ ମୁମ୍ବଇରେ ଆଇଓସିର ଅଧିବେଶନ ଆୟୋଜନ କରିବାର ସମ୍ମାନ ଭାରତକୁ ପ୍ରଦାନ କରିଥିବାରୁ ମୁଁ ଆନ୍ତର୍ଜାତିକ ଅଲିମ୍ପିକ କମିଟି ନିକଟରେ କୃତଜ୍ଞ। ଏହା ଭାରତୀୟ କ୍ରୀଡାଜଗତ ପାଇଁ ଏକ ନୂଆ ଯୁଗର ଶୁଭାରମ୍ଭ କରାଇବ।" ୨୦୨୩ ଅଲିମ୍ପିକ ଅଧିବେଶନ ଅବସରରେ ବଂଚିତ ବର୍ଗର ଯୁବଗୋଷ୍ଠୀଙ୍କ ପାଇଁ ସ୍ୱତନ୍ତ୍ର କ୍ରୀଡା ବିକାଶ କାର୍ଯ୍ୟକ୍ରମସମୂହର ଏକ ଶୃଙ୍ଖଳା ଆରମ୍ଭ କରିବାକୁ ମଧ୍ୟ ସେ ପ୍ରସ୍ତାବ ରଖିଥିଲେ। ଭାରତୀୟ ପ୍ରତିନିଧିମଣ୍ଡଳୀରେ ନୀତା ଅମ୍ବାନି, ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ)ର ଅଧ୍ୟକ୍ଷ ଡା. ନରିନ୍ଦର ବାତ୍ରା, କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ଅନୁରାଗ ସିଂ ଠାକୁର ଏବଂ ବନ୍ଧୁକ ଚାଳନା (ସୁଟିଂ) ରେ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରା ପ୍ରମୁଖ ସାମିଲ ଥିଲେ। ବେଜିଂରେ ଚାଲିଥିବା ଆଇଓସିର ବାର୍ଷିକ ଅଧିବେଶନରେ ଭାରତୀୟ ପ୍ରତିନିଧିମଣ୍ଡଳୀ ଭର୍ଚୁଆଲ ମାଧ୍ୟମରେ ଆଗାମୀ ବୈଠକ ଭାରତରେ ଆୟୋଜନ ସପକ୍ଷରେ ନିଜ ପ୍ରସ୍ତାବ ଉପସ୍ଥାପନା କରିଥିଲେ। ଭାରତରେ ଚାରି ଦଶନ୍ଧି ପରେ ଆନ୍ତର୍ଜାତିକ ଅଲିମ୍ପିକ କମିଟିର ଅଧିବେଶନ ଆୟୋଜନ କରାଯିବ। ଏହା ପୂର୍ବରୁ ୧୯୮୩ରେ ଶେଷଥର ପାଇଁ ଭାରତରେ ଆଇଓସିର ଅଧିବେଶନ ଆୟୋଜିତ ହୋଇଥିଲା।

# ଏଲୋଭେରାର ଔଷଧୀୟ ଗୁଣ



ବିକାନେର: କୃଷି ବୈଜ୍ଞାନିକ ଓ ମୃତ୍ତିକା ବିଶେଷଜ୍ଞ ଡଃ. ରାମ ବଜାଜ ଘୃତକୁମାରୀ ର ବ୍ୟବହାରରେ କ୍ରୋନିକ୍ ଡିଜେନରେଟିଭ୍ ରୋଗ ଦୂର ହୋଇପାରେ। ଏହାର ମୁଖ୍ୟ କାରଣ ଆଲୋଭେରାରେ ଥିବା ୧୨ ଭିଟାମିନ୍ସ, ୧୮ ଆମିନୋ ଏସିଡ, ୨୦ ମିନେରାଲ୍ସ ଓ ୭୫ ପ୍ରକାରର ପୌଷ୍ଟିକ ତତ୍ୱ ଓ ୨୦୦ ସକ୍ରିୟ ଏଞ୍ଜାଇମସ୍ ଅଛି। ଏହି ସବୁ ତତ୍ୱ ଶରୀର ରେ ଥିବା ବିଜାତୀୟ ପଦାର୍ଥ କୁ ଶରୀରରୁ ବାହାର କରିଦିଏ। ଏହା ଦ୍ୱାରା ବ୍ଲଡ ସୁଗାର, ହାର୍ଟ ଆଟାକ୍, ବିପି, କ୍ଲୋନ୍ କ୍ୟାନସର ଆଦି ରୋଗରୁ ଉପଶମ ମିଳିପାରେ।

ଡ଼ଃ ବଜାଜ କହିଛନ୍ତି, ସ୍ୱାସ୍ଥ୍ୟ ପ୍ରତି ଅଯତ୍ନ କାରଣରୁ ଶରୀର ଭିତରେ ବିଜାତୀୟ ଦ୍ରବ୍ୟ ଓ ଫ୍ରି ରାଡିକ୍ଲ ଏକାଠି ହୋଇଯାଏ ।ଏହା ସବୁ ଶରୀର ରୁ ନ ବାହାରିଲେ, ଅନେକ ରୋଗ ହୋଇଥାଏ ।ଶରୀରରେ ଅମ୍ଳ ଓ କ୍ଷାର ର ଅସନ୍ତୁଳନ କାରଣରୁ ବିପି. ସୁଗାର, କ୍ଲୋନ୍ କ୍ୟାନ୍ସର, ପରି ଅସାଧ ରୋଗ ଉତ୍ପନ୍ନ ହୁଏ । ଏଲୋଭେରା ର ମିନେରାଲ୍ସ ଶରୀରରେ ଥିବା ଫ୍ରି ରାଡିକଲ ବାହର କରି ଦିଏ। ଫଳରେ ଶରୀରରେ ଅମ୍ଳ ଓ କ୍ଷାରର ଅନୁପାତ ଠିକ୍ ରହେ।

ଆଲୋଭେରା ଆଣ୍ଟିବାଇଟିକ୍, ଆଣ୍ଟିସେପ୍ଟିକ୍, ଓ ଆଣ୍ଟି ଫଙ୍ଗସ୍ ଗୁଣ ବାଲା ଗଛ ଅଟେ। ଡଃ. ବଜାଜ ଆଲୋଭେରା ସହିତ ୭ ରିସର୍ଚ୍ଚ କରିଥିଲେ,। ବାଦାମ, ଗହମ, ବୁଟ ସହିତ ଏହାର ପରୀକ୍ଷଣ କରି ଏହାର ମାନ ର ରିସର୍ଚ୍ଚ କରିଥିଲେ, କୃଷି ବିଶ୍ୱବିଦ୍ୟାଳୟର ପୂର୍ବ ନିର୍ଦ୍ଦେଶକ ଡଃ, ଗୋବିନ୍ଦ ସିଂହ କହିଛନ୍ତି ଆଲୋଭେରା ମେଡିସିନ୍ ଭାବରେ ବହୁତ ଲାଭକାରୀ। ତ୍ୱଚା ଓ ପାଚନ ତନ୍ତ୍ର ମାମଲାରେ ଏହା ବେଶି ଲାଭ ଦିଏ । ମେଡିକାଲ କ୍ଷେତ୍ରରେ ଏହା ବହୁ ଉପଯୋଗୀ ବୋଲି ଡାକ୍ତର କହିଛନ୍ତି।

# ଗଣ୍ଠିଦରଜ ହେଉଛି କି ?



ଲେମ୍ବୁର ରସ ପେଟ ସମସ୍ୟା ଓ କବ୍ଜ ସମ୍ବନ୍ଧିତ ରୋଗ ର ଚିକିତ୍ସା ପାଇଁ ଲାଭକାରୀ ହୋଇଥାଏ। ନିଜ ଡେଲି ଖାଇବାରେ ଟିକିଏ ଲେମ୍ବୁ ରସ ମିଶାଇଲେ ତାହା ମଧ୍ୟ ପାଚନ କ୍ରିୟାରେ ସହଯୋଗ କରିଥାଏ। ଏହା ଏକ ରକ୍ତ ଶୋଧକ ଏଜେଣ୍ଟ ଭାବରେ କାମ କରେ। ତେଣୁ ଦିପହରେ ବା ରାତିରେ ଭୋଜନ ପରେ ଭଲ ତାଜା ଲେମ୍ବୁର ରସ ର ସରବତ ପିଇବା ଉଚିତ। ହେଲେ ଏହି ଲେମ୍ବୁର ଚୋପା କେତେ ଉପକାରୀ ଜାଣନ୍ତି।

ଲେମ୍ବୁର ଚୋପା ଗଣ୍ଠି ଦରଜ ରୋଗରେ ବରଦାନ ସ୍ୱରୂପ ଅଟେ। ଆସନ୍ତୁ ଜାଣିବା କିପରି ଲେମ୍ବୁର ଚୋପା ଗଣ୍ଠି ଦରଜ ରୋଗ ପାଇଁ ଉପଯୋଗ କରିବେ।

- ଦୁଇଟି ଲେମ୍ବୁର ଚୋପା
- ଅଲିଭ ଅଏଲ ୧୦୦ ଗ୍ରାମ

ପ୍ରଥମେ ଲେମ୍ବୁ ର ଚୋପା କୁ ଏକ ଗ୍ଲାସ ଜାର ରେ ରଖନ୍ତୁ ପୁଣି ସେଥିରେ ଅଳ୍ପ ଅଲିଭ ଅଏଲ ମିଶାଇ ଓ ଗ୍ଲାସ ଜାରକୁ ଭଲ ଭାବରେ ବନ୍ଦ କରି ଦୁଇ ସପ୍ତାହ ପାଇଁ ରଖିଦିଅନ୍ତୁ। ଦୁଇ ସପ୍ତାହ ପରେ ଏକ କପଡ଼ାରେ ଛାଣି ଆପଣ ପ୍ରଭାବିତ ଜାଗାରେ ଲଗାଇ ବ୍ୟାଣ୍ଡେଜ ପରି କଭର କରିଦେବେ। ସାରା ରାତି ଏହିପରି ଛାଡି ଦେବେ । ଏହା ଭିତରେ କାମ କରିବ।



# ଚେରୀ କୋଳି ଅନିଦ୍ରା ଦୂର କରେ

**ଚେରୀ ରେ ଏକ ମାଦକ ସୁଗନ୍ଧ ଥିବା ସହ ଏହା ଏକ ସୁନ୍ଦର ଫଳ। ଏକ ଗବେଷଣାରୁ ଜଣାଯାଇଛି ପ୍ରତି ୪ଜଣରେ ଜଣେ ବ୍ୟକ୍ତି ବା ୨୫% ଲୋକ ଇନ୍‌ସୋନମିଆ ସ୍ଲିପ୍‌ଲେସନେସ୍ ର ଶିକାର ଥାଆନ୍ତି। ଓ ପ୍ରତି ୫ମବ୍ୟକ୍ତି ଙ୍କୁ ରାତିରେ ୫ଘଣ୍ଟାରୁ ବେଶି ନିଦ ଆସେନି। ରିସର୍ଚ୍ଚ ପରେ କୁହାଯାଇଛି, ଚେରୀ ଖାଇଲେ ବା ଜୁସ୍ ପିଇଲେ, ଭଲ ନିଦ ଆସେ।**

ଚେରୀ ଏକ ଖଟା -ମିଠା ଫଳ, ଯାହା ବହୁତ ଟେଷ୍ଟି ମଧ୍ୟ। ପ୍ରୋଟିନ୍ ଓ ଭିଟାମିନ୍ ରେ ଭରପୁର ଏହି ଫଳ ଭଲ ନିଦ କାରକ ସହ ସବୁ ବୟସବର୍ଗର ଲୋକଙ୍କ ପାଇଁ ଲାଭଦାୟକ ଅଟେ। ଚେରୀ ଜୁସ୍ ଇନ୍‌ଟେକ୍ କରୁଥିବା ଲୋକଙ୍କୁ ପ୍ରାୟ ୧୭ ମିନିଟ ବେଶି ନିଦ ଆସେ। ଚେରୀ ତ୍ୱଚାକୁ ବି ପୋଷଣ ଦିଏ। ଏଥିରେ ଥିବା ଭିଟା କ୍ୟାରୋଟିନ୍ ସୂର୍ଯ୍ୟ ର ୟୁଭି କରିଣରୁ ତ୍ୱଚାକୁ ରକ୍ଷା କରିବାରେ ସହଯୋଗ କରେ।

ଡ୍ରାଏ ସ୍କିନ୍ ପାଇଁ ଚେରୀର ପେଷ୍ଟ ବେଶ ଲାଭଦାୟକ ହୁଏ। ଚେରୀର ଅମ୍ଳୀୟ ତତ୍ୱ ମୃତ ତ୍ୱଚା ର କୋଷିକା ବାହାର କରିବାରେ ସହଯୋଗ କରେ । ଏହା ଦ୍ୱାରା ତ୍ୱଚା ନରମ କୋମଳ ହୁଏ।

ଭଲ ସ୍ୱାସ୍ଥ୍ୟ ପାଇଁ ସୁନିଦ୍ରାର ବେଶି ଆବଶ୍ୟକ। ଆଧୁନିକ ବିଜି ଲାଇଫ ଷ୍ଟାଇଲ , ୱାର୍କଲୋଡ ମଧ୍ୟରେ ନିଦ ସବୁ ବର୍ଗଙ୍କ ପାଇଁ ଏକ ମୁସକିଲ ଜିନିଷ। ଏହି ସସମ୍ୟା ମଧୁମେହ, ଡାଇବେଟିସ, ବ୍ଲଡପ୍ରେସର, ଅନିଦ୍ରା ଆଦି ରୋଗ ର କାରଣ ହୁଏ।

ନିଦ ଟାବଲେଟ ଖାଇଲେ, କିଛି ସାଇଡ ଇଫେକ୍ଟ ଜରୁର ହୁଏ। ହେଲେ ଚେରୀ ଏକ ପ୍ରାକୃତିକ ଅପସନ୍। ଏହାର କିଛି କ୍ଷତି ନାହିଁ। ସକାଳ ସନ୍ଧ୍ୟାରେ ଏକ ଗ୍ଲାସ ସୁଗାର ଲେଶ ଜୁସ୍ ପିଉଥିବା ଲୋକଙ୍କୁ ସୁଖନିଦ୍ରା ହୋଇଥାଏ।

ଚେରୀ ହୃଦୟ ରୋଗ ରୁ ଲାଭ ଦିଏ। ଏଥିରେ ଆଣ୍ଟି ଅକ୍‌ସିଡେଣ୍ଟ ବହୁତ ଥାଏ। ୱାର୍କିଂ ଲେଡି ହୁଅନ୍ତୁ କି ହାଉସୱାଇଫ। ଚେରୀ ଉପଯୋଗ କଲେ, ସ୍ଫୁର୍ତ୍ତିବାନ, ଫ୍ରେସ୍ ଲାଗିବ। ଦିନରେ ଦୁଇ ଗ୍ଲାସ ଚେରୀ ଜୁସ୍ ଅବଶ୍ୟ ନିଅନ୍ତୁ।



# ଆଳୁ ଛୋଟ ପିଲାଙ୍କୁ ପୋଷଣ ଯୋଗାଏ

**ଯଦି ଆପଣଙ୍କ ପିଲାକୁ ଆଳୁ ପସନ୍ଦ ତେବେ ଭଲ ଜାଣନ୍ତୁ। ଏକ ପରୀକ୍ଷାରୁ ଜଣାଯାଏ ଆଳୁ ଏକ ବର୍ଷରୁ ତିନିବର୍ଷ ର ପିଲାଙ୍କ ପାଇଁ ପୋଟାସିୟମ୍ ଓ ଫାଇବର ର ଭଲସ୍ରୋତ ହୋଇପାରେ। ପରୀକ୍ଷକ କହନ୍ତି ବିକାଶ ପାଇଁ ଜରୁରୀ ଫାଇବର ର ଆପୂର୍ତ୍ତି ଆଳୁ କରିପାରେ। ବେଲର କଲେଜ ଅଫ୍ ମେଡିସିନ୍ ର ପରୀକ୍ଷକ ଥେରେସା ନିକଲ କହିଛନ୍ତି ପିଲାଙ୍କୁ ସବୁ ପରିବା ଖାଇବା ଉଚିତ।**

ବିଶେଷ କରି ପୋଟାସିୟମ, ଫାଇବର ବାଲା ପରିବା ବେଶି ଖାଇବା ଉଚିତ। ପିଲା ବେଳର ଖାଦ୍ୟାଭାସ ବଡ ହେବା ଯାଏ ରହିଥାଏ। ତେଣୁ ସବୁ ପରିବା ଖାଇବାକୁ ପିଲା ମାନଙ୍କୁ ପ୍ରୋତ୍ସାହିତ କରିବା ଭଲ। ପରୀକ୍ଷକ କହନ୍ତି ସାଧାରଣତଃ ପିଲା ମାନେ ପରିବା ଖାଇବା ପସନ୍ଦ କରିନଥାଆନ୍ତି, ହେଲେ ସବୁ ପିଲାଙ୍କର ଆଳୁ ପ୍ରାୟତଃ ପ୍ରିୟ ହୋଇଥାଏ। ଅଭିଭାବକ ମାନଙ୍କୁ ପିଲାଙ୍କୁ ପର୍ଯ୍ୟାନ୍ତ ଆଳୁ ଖାଇବାକୁ ଦେବା ଉଚିତ। ଏହା ତାଙ୍କ ଶରୀରର ଆବଶ୍ୟକତାକୁ ପୁରଣ କରିବ।।

ଯଦି ଆପଣଙ୍କ ପିଲାକୁ ଆଳୁ ପସନ୍ଦ ତେବେ ଭଲ ଜାଣନ୍ତୁ। ଏକ ପରୀକ୍ଷାରୁ ଜଣାଯାଏ ଆଳୁ ଏକ ବର୍ଷରୁ ତିନିବର୍ଷ ର ପିଲାଙ୍କ ପାଇଁ ପୋଟାସିୟମ୍ ଓ ଫାଇବର ର ଭଲସ୍ରୋତ ହୋଇପାରେ। ପରୀକ୍ଷକ କହନ୍ତି ବିକାଶ ପାଇଁ ଜରୁରୀ ଫାଇବର ର ଆପୂର୍ତ୍ତି ଆଳୁ କରିପାରେ। ବେଲର କଲେଜ ଅଫ୍ ମେଡିସିନ୍ ର ପରୀକ୍ଷକ ଥେରେସା ନିକଲ କହିଛନ୍ତି ପିଲାଙ୍କୁ ସବୁ ପରିବା ଖାଇବା ଉଚିତ। ବିଶେଷ କରି ପୋଟାସିୟମ, ଫାଇବର ବାଲା ପରିବା ବେଶି ଖାଇବା ଉଚିତ। ପିଲା ବେଳର ଖାଦ୍ୟାଭାସ ବଡ ହେବା ଯାଏ ରହିଥାଏ। ତେଣୁ ସବୁ ପରିବା ଖାଇବାକୁ ପିଲା ମାନଙ୍କୁ ପ୍ରୋତ୍ସାହିତ କରିବା ଭଲ। ପରୀକ୍ଷକ କହନ୍ତି ସାଧାରଣତଃ ପିଲା ମାନେ ପରିବା ଖାଇବା ପସନ୍ଦ କରିନଥାଆନ୍ତି, ହେଲେ ସବୁ ପିଲାଙ୍କର ଆଳୁ ପ୍ରାୟତଃ ପ୍ରିୟ ହୋଇଥାଏ। ଅଭିଭାବକ ମାନଙ୍କୁ ପିଲାଙ୍କୁ ପର୍ଯ୍ୟାନ୍ତ ଆଳୁ ଖାଇବାକୁ ଦେବା ଉଚିତ। ଏହା ତାଙ୍କ ଶରୀରର ଆବଶ୍ୟକତାକୁ ପୁରଣ କରିବ।

# ରିଠା ଫଳର ଚମତ୍କାରୀତା

ରିଠା ଫଳ ଏକ ପ୍ରାକୃତିକ କ୍ଲିଞ୍ଜର ଅଟେ। ଏହା ବାଳ ଓ ତ୍ୱଚାର ମଇଳା ପ୍ରାକୃତିକ ଭାବରେ ସଫା କରିଥାଏ ।ରିଠା ର ଗଛ ବହୁତ ବଡ ଓ ପତ୍ର ଲମ୍ବା ହୋଇଥାଏ। ଏହାର ଫୁଲ ଗୋଲାପି ରଙ୍ଗର ହୋଇଥାଏ। ଏହି ଫଳକୁ ପାଣିରେ ପକାଇଲେ ସେଥିରୁ ଫେଣ ବାହାରିଥାଏ

ବାତ , କଫ ଓ କୁଣ୍ଡିଆ ରୋଗରେ ରିଠା ଫଳର ମଞ୍ଜିକୁ ଚୂରି ୨-୨ ଗ୍ରାମ ଲେଖା ହାଲକା ଗରମ ପାଣିରେ ୧୦ ଦିନ ଯାଏ ଖାଇଲେ ରୋଗୀକୁ ଉକ୍ତ ରୋଗରୁ ମୁକ୍ତି ମିଳିଥାଏ। ହିଷ୍ଟିରିୟା ରୋଗୀକୁ ରିଠା ଚୋପାର ଧୂଆଁ ଦେଲେ ରୋଗ ମୁକ୍ତ ହୋଇଥାଏ। ଏକ ମାସ ଯାଏ ଧୂଆଁ ଦେବାକୁ ହୁଏ। ମହିଳା ମାନଙ୍କର କେଶ ପାଇଁ ରିଠା ଫଳ ବହୁତ ଉପଯୋଗୀ ହୋଇଥାଏ ।ଯେଉଁ ମହିଳା ରିଠାରେ ବାଳ ଧୁଅନ୍ତି, ତାଙ୍କର କେଶ କଳା, ଲମ୍ବା ଓ ଘନ ହୋଇଥାଏ ।

ରିଠା ପାଣିରେ ମୁହଁ ଓ ଦେହ ସଫାକଲେ ପ୍ରାକୃତିକ ଲାଭ ମିଳିଥାଏ ।

ରିଠା ପାଣିରେ କିଛି ଲେମ୍ବୁ ରସ ମିଶାଇ ହାତ ଧୋଇଲେ ସୁଗନ୍ଧ ସହ ଉପକାର ମିଳିଥାଏ ।





# କାନ୍ଦିଲେ କ'ଣ ସବୁ ଲାଭ ମିଳେ

- ଯେତେବେଳେ ଆମେ ଟେନସନରେ ଥାଇ ଦୁଃଖି ହୋଇଥାଉ ଆମ ଆଖିରୁ ସ୍ୱତଃ ଲୁହ ଝରି ଥାଏ। ଏପରି ହେବା ଦ୍ୱାରା ଆମର ଟେନସନ ବି କମି ଯାଇଥାଏ। ଓ ଆମକୁ ହାଲକା ଲାଗେ।
- କାନ୍ଦିବା ଦ୍ୱାରା ଆଖିରେ ଜମି ଥିବା ଧୂଳି-ବାଲି ଲୁହ ସହିତ ବି ବାହରି ଆସିଥାଏ। ଫଳରେ ଆଖି ସଫା ହୋଇଯାଏ ଓ ଆଖି ସଂକ୍ରମଣରୁ ରକ୍ଷା ପାଇଥାଏ।
- କାନ୍ଦିଲେ ଟେନସନ କମ ହୋଇଯାଏ, ଏପରି କି ହାଇ ବିପି ନର୍ମାଲ ହୋଇଯାଏ ।
- ଆଖିରୁ ଲୁହ ଝରିଲେ ମନର ବୋଝ ହାଲକା ହୋଇଯାଏ ଫଳରେ କେଉଁ କଥାର ବୋଝ ସିଧା ହୃଦୟରେ ପଡେ ନାହିଁ। ତେଣୁ ହୃଦ୍ ଘାତର ସମ୍ଭାବନା କମ ହୁଏ।
- ମନୋଚିକିତ୍ସକ କହନ୍ତି କାନ୍ଦିଲେ ଆଖିର ତେଜ ବଢେ। ଲୁହ ଆଖିର ଡେଳା ଓ ପୁତଳି କୁ ନରମ ରଖେ ଫଳରେ ଦୃଷ୍ଟି ଶକ୍ତି ବୃଦ୍ଧି ହୋଇଥାଏ।
- ମହିଳା ମାନେ ପୁରୁଷ ତୁଳନାରେ ବେଶି କାନ୍ଦନ୍ତି। ଫଳରେ ହୃଦୟରୋଗ ସେମାନଙ୍କ ଠାରେ ଅପେକ୍ଷାକୃତ କମ ହୋଇଥାଏ।
- କାନ୍ଦିଲେ ଟେନସନ କମି ଯାଏ ମୁଡ ଠିକ୍ ହୋଇଯାଏ ଓ ଘରର ପରିବେଶ ଆନନ୍ଦମୟ ହୋଇଯାଏ।
- ମନୋଚିକିତ୍ସକ କହନ୍ତି, ମଣିଷ ଦୁଃଖି ହେଲେ କାନ୍ଦେ। କାନ୍ଦିବା ଫଳରେ ଶରୀରରେ କିଛି ଟକ୍ସିକ ବନିଥାଏ। ଯାହା ଏକ ପ୍ରକାରର କେମିକଲ ଅଟେ। ସେଗୁଡା ଲୁହ ସହିତ ବାହାରିଯାଏ ଫଳରେ ଆଖି ରୋଗ ହୁଏ ନାହିଁ।
- କାନ୍ଦିବାର ଫାଇଦା ସେତେବେଳେ ବେଶି ହୁଏ ଯେତେବେଳ ଏକାନ୍ତରେ ସବୁ କଥା ମନେପକାଇ କାନ୍ଦନ୍ତି ଫଳରେ ବହୁ ଟେନସନ କମି ଯାଏ।
- ବେଶି କାନ୍ଦିଲେ ବି ତାହା ମୁଡ ଖରାପ କରିଦିଏ । ସର୍ବଦା ଦୁଃଖି ଲାଗେ, ତେଣୁ ବେଶି କାନ୍ଦିବା ବି ଉଚିତ ନୁହେଁ।



# ଜଡାତେଲର ଔଷଧୀୟ ଗୁଣ

**ଜଡାତେଲ ପ୍ରକୃତିର କିଛି ବରଦାନ ଠାରୁ କମ୍ ନୁହେଁ। ଯାହାର ଉପଯୋଗରେ ଆଜିର ସମୟରେ କେତେକ ରୋଗର ଉପଚାର କରାଯାଏ । ଏହା ଶାରିରୀକ ରୋଗ ଦୂର କରିବା ସହ କେଶ, ତ୍ୱଚା ଓ ଶରୀରର ଓଜନ ସମ୍ବନ୍ଧ**

ମହିଳା ହଉ ବା ପୁରୁଷ ସୁନ୍ଦର ଓ ଘନ କେଶ ସମସ୍ତେ ଚାହାନ୍ତି। ମହିଳା ମାନେ ତାଙ୍କର କେଶ ସୁନ୍ଦର କରିବାପାଇଁ କେତେ କେତେ ପଇସା ଖର୍ଚ୍ଚ କରି ଦିଅନ୍ତି । ମାତ୍ର ଜଡାତେଲ ପ୍ରୟାଗ ଦ୍ୱାରା ମଜବୁତ ଏବଂ ସୁନ୍ଦର ବାଳ ପାଇବାର ଉପାୟ ଅନାଦି କାଳରୁ ଚାଲିଛି। ଏହା ସହିତ ଜଡାତେଲ କେଶ ଓ ମୁଣ୍ଡ ସମ୍ବନ୍ଧୀୟ ବିଭିନ୍ନ ବିକାର ରେ ବହୁତ ପ୍ରଭାବଶାଳୀ ହୁଏ।

ଜଡାତେଲ ଥିବା ଭିଟାମିନ୍ ଇ ର ତତ୍ୱ ବାଳକୁ ପୋଷଣ ଯୋଗାଏ। ଏହା ଏକ ପ୍ରାକୃତିକ କଣ୍ଡିସନ ଭାବରେ କାମ କରେ। ବାଳର ଉପଚାର ପାଇଁ ଏହି ତେଲର ପ୍ରାୟେଗ ସପ୍ତାହରେ ଥରେ ଜରୁର କରନ୍ତୁ।

ଜଡାତେଲ ତ୍ୱଚାରେ ଉଜ୍ଜ୍ୱଳତା ଆଣିବାର ଏକ ଉପଚାର। ଏହାଦ୍ୱାରା ଶୁଷ୍କ ତ୍ୱଚା ନରମ ହୋଇଥାଏ । ଏହା ସହିତ ଏହା ଦ୍ୱାରା ଆହୁରି ଅନେକ ଲାଭ ହୋଇଥାଏ ।

ଜଡାତେଲରେ ନଡିଆ ତେଲ ମିଶାଇ କେଶର ଯତ୍ନ ନିଅନ୍ତୁ। ଏହି ତେଲ ର ମିଶ୍ରଣ କୁ କେଶ ମୂଳରେ ଲଗାଇଲେ କିଛି ଦିନରେ କେଶ ର ମୂଳ ମଜବୁତ ହେବ ।



ପୁରୁଣା ପରମ୍ପରାରେ ଜଡାତେଲର ଉପକାର ବିଷୟରେ ସମସ୍ତେ କିଛି ନା କିଛି ଜାଣନ୍ତି। ଏହାର ଉପକାର ବହୁତ ବେଶି। ଆମେ ଏହାର ଲାଭ ନେବା

# ଶ୍ରୀଲଙ୍କା ବିପକ୍ଷ ସିରିଜ୍ ପାଇଁ ରୋହିତ ଶର୍ମା ହେଲେ ଟେଷ୍ଟ ଅଧିନାୟକ



ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଶ୍ରୀଲଙ୍କା ବିପକ୍ଷ ଆଗାମୀ ଟି-୨୦ ଏବଂ ଟେଷ୍ଟ ସିରିଜ୍ ପାଇଁ ଦଳ ଘୋଷଣା କରିଛି। ରୋହିତ ଶର୍ମାଙ୍କୁ ଟେଷ୍ଟ ଦଳର ଅଧିନାୟକ କରାଯାଇଛି। ଅନ୍ୟପଟେ ବିରାଟ କୋହଲି ଏବଂ ଋଷଭ ପନ୍ତଙ୍କୁ ଟି-୨୦ ସିରିଜରୁ ବିଶ୍ରାମ ଦିଆଯାଇଛି। ଓପନିଂ ବ୍ୟାଟସମ୍ୟାନ କେଏଲ ରାହୁଲ ୱେଷ୍ଟଇଣ୍ଡିଜ ସିରିଜ୍‌ରେ ଆହତ ହୋଇଥିବା କାରଣରୁ ତାଙ୍କୁ ଦଳରେ ସାମିଲ୍ କରାଯାଇନାହିଁ। ଉଭୟ ଟି-୨୦ ଏବଂ ଟେଷ୍ଟ

## ରାହାଣେ-ପୂଜାରା ବାଦ୍

### ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳ

ରୋହିତ ଶର୍ମା(ଅଧିନାୟକ), ମୟଙ୍କ ଅଗ୍ରୱାଲ, ପ୍ରିୟଙ୍କ ପାଞ୍ଚାଲ, ବିରାଟ କୋହଲି, ଶ୍ରେୟସ ଆୟର, ହନୁମା ବିହାରୀ, ଶୁଭମାନ ଗିଲ୍, ଋଷଭ ପନ୍ତ, କେଏସ ଭରତ, ରବିଚ୍ନ୍ଦ୍ରନ ଅଶ୍ୱିନ(ଫିଟନେସ୍ ଉପରେ ନିର୍ଭର), ରବୀନ୍ଦ୍ର ଜାଡେଜା, ଜୟନ୍ତ ଯାଦବ, କୁଲଦୀପ ଯାଦବ, ଯଶପ୍ରୀତ ବୁମରା(ଉପ ଅଧିନାୟକ), ମହମ୍ମଦ ଶାମି, ମହମ୍ମଦ ସିରାଜ, ଉମେଶ ଯାଦବ, ସୌରଭ କୁମାର।

### ଟି-୨୦ ସିରିଜ୍ ପାଇଁ ଭାରତୀୟ ଦଳ

ରୋହିତ ଶର୍ମା(ଅଧିନାୟକ), ଋତୁରାଜ ଗାଏକୱାଡ, ଶ୍ରେୟସ ଆୟର, ସୂର୍ଯ୍ୟକୁମାର ଯାଦବ, ସଞ୍ଜୁ ସାମସନ, ଇଶାନ କିଶନ(ୱିକେଟ୍ କିପର), ଭେଙ୍କଟେଶ ଆୟର, ଦୀପକ ଚ୍ହର, ଦୀପକ ହୁଡ୍ଡା, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚ୍ହଲ, ଆର ବିଷ୍ଣୋଇ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ଭୁବନେଶ୍ୱର କୁମାର, ହର୍ଷଲ ପଟେଲ୍, ଯଶପ୍ରୀତ ବୁମରା(ଉପ ଅଧିନାୟକ), ଅଭେଶ ଖାନ।

ସିରିଜ୍ ପାଇଁ ଯଶପ୍ରୀତ ବୁମରାଙ୍କୁ ଉପ ଅଧିନାୟକ କରାଯାଇଛି।

ଶ୍ରୀଲଙ୍କାର ଭାରତ ଗସ୍ତ ଫେବୃଆରୀ ୨୪ରେ ଆରମ୍ଭ ହେଉଛି। ଦୁଇ ଦଳ ମଧ୍ୟରେ ପ୍ରଥମେ ଟି-୨୦ ସିରିଜ୍ ଖେଳାଯିବ। ସିରିଜର ପ୍ରଥମ ମୁକାବିଲା ଲକ୍ଷ୍ନୌରେ ଖେଳାଯିବ। ବାକି ଦୁଇଟି ମ୍ୟାଚ୍ ଧର୍ମଶାଳାରେ ଖେଳାଯିବ। ଏହା ପରେ ଟେଷ୍ଟ ସିରିଜ୍ ଖେଳାଯିବ। ପ୍ରଥମ ଟେଷ୍ଟ ମାର୍ଚ୍ଚ ୪ରେ ମୋହାଲିରେ ଏବଂ ମାର୍ଚ୍ଚ ୧୨ରେ ଦ୍ୱିତୀୟ ଟେଷ୍ଟ ବେଙ୍ଗାଲୁରୁରେ ଖେଳାଯିବ। ଦ୍ୱିତୀୟ ଟେଷ୍ଟ ଦିବାରାତ୍ର ଖେଳାଯିବ। ଟେଷ୍ଟ ଦଳରୁ ବରିଷ୍ଠ ଖେଳାଳି ଚେତେଶ୍ୱର ପୂଜାରା ଏବଂ ଆଜିଙ୍କ୍ୟ ରାହାଣେଙ୍କୁ ବାଦ୍ ଦିଆଯାଇଛି। ଉଭୟଙ୍କୁ ଘରୋଇ କ୍ରିକେଟ୍ ଖେଳିବାକୁ କୁହାଯାଇଛି। ଶାର୍ଦ୍ଦୁଳ ଠାକୁରଙ୍କୁ ଟେଷ୍ଟ ଦଳରୁ ବିଶ୍ରାମ ଦିଆଯାଇଛି।

# ବୀରେନ୍ଦ୍ର ଲାକ୍ରା ହେଲେ ଡିଏସ୍‌ପି



କଟକ : ଅଲିମ୍ପିଆନ ତଥା ଭାରତୀୟ ହକି ଦଳର ପୂର୍ବତନ ସଦସ୍ୟ ବୀରେନ୍ଦ୍ର ଲାକ୍ରା ଓଡ଼ିଶା ପୁଲିସ୍‌ରେ ଡିଏସ୍‌ପି ଭାବେ ଯୋଗଦେଇଛନ୍ତି। ଓଡ଼ିଶା ପୁଲିସ୍ ମୁଖ୍ୟାଳୟରେ ଡିଜିପି ସୁନୀଲ କୁମାର ବଂଶଲଙ୍କୁ ସାକ୍ଷାତ କରି ସେ ତାଙ୍କର ଯୋଗଦାନ ରିପୋର୍ଟ ପ୍ରଦାନ କରିଥିଲେ। ତେବେ ଆସନ୍ତା ଦୁଇ ତିନିଦିନ ମଧ୍ୟରେ ଖାଲିସ୍ଥାନ ଦେଖିବା ପରେ ତାଙ୍କୁ ଅବସ୍ଥାନ କରାଯିବ ବୋଲି ମୁଖ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

ଦୁଇ ଓଡିଆ ପୁଅ ବୀରେନ୍ଦ୍ର ଓ ଅମିତ ରୋହିଦାସ ଟୋକିଓ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ହକି ଦଳର ସଦସ୍ୟ ରହିଥିଲେ। ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଭୟଙ୍କୁ ଅର୍ଥ ପୁରସ୍କାର ଦିଆଯାଇଥିଲା ବେଳେ ଓଡ଼ିଶା ପୁଲିସ୍‌ରେ ନିଯୁକ୍ତି ଦିଆଯିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ତେବେ ଅମିତ ଭାରତୀୟ ରେଳବାଇରେ ଯୋଗଦେଇଥିଲା ବେଳେ ବୀରେନ୍ଦ୍ର ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଗ୍ରହଣ କରିଥିଲେ। ଅଲିମ୍ପିକ୍ସ ଖେଳିଥିବାରୁ ତାଙ୍କୁ ସିଧାସଳଖ ଡିଏସ୍‌ପି ପାହ୍ୟାରେ ନିଯୁକ୍ତି ଦିଆଯାଇଥିଲା। ଗୁରୁବାର ଅପରାହ୍ନରେ ଅତିରିକ୍ତ ଡିଜି (ଆଇନ୍ ଶୃଙ୍ଖଳା) ଆର.କେ. ଶର୍ମା ଓ ଆଇ.ଜି. (ପର୍ସୋନେଲ) ଏସ୍.ପ୍ରବୀଣ କୁମାରଙ୍କ ଉପସ୍ଥିତିରେ ବୀରେନ୍ଦ୍ର ଡିଜିପିଙ୍କ ସହିତ ସାକ୍ଷତ ଆଲୋଚ୍ନା କରିଥିଲେ।

ବୀରେନ୍ଦ୍ରଙ୍କୁ ମିଶାଇ ଓଡ଼ିଶା ପୁଲିସ୍‌ରେ ମୋଟ ୧୩୬ ଜଣ କ୍ରୀଡ଼ାବିତ୍‌ଙ୍କୁ ନିଯୁକ୍ତି ଦିଆଗଲାଣି। ସେମାନଙ୍କ ମଧ୍ୟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା କେ. ରବି କୁମାର ପ୍ରଥମ କରି ଡିଏସ୍‌ପି ପାହ୍ୟାରେ ନିଯୁକ୍ତି ପାଇଥିଲା ବେଳେ ବୀରେନ୍ଦ୍ର ଦ୍ୱିତୀୟ ଡିଏସ୍‌ପି। ଏହାବାଦ୍ ୫ ଜଣଙ୍କୁ ଏସ୍‌ଆଇ ପଦରେ ସିଧାସଳଖ ନିଯୁକ୍ତି ମିଳିଛି। ରୋଇଙ୍ଗରୁ ଏସୀୟ ପଦକ ବିଜେତା ପ୍ରତିମା ପୁହାଣ ଓ ପ୍ରମିଳାପ୍ରଭା ମିଞ୍ଜ, ଭାରତୀୟ ମହିଳା କ୍ରିକେଟ ଦଳର ସଦସ୍ୟା ମାଧୁରୀ ମେହେଟ୍ଟା ଓ ରୋସନାରା ପରବିନ୍, କବାଡ଼ି ବିଶ୍ୱକପ୍ ଦଳର ସଦସ୍ୟା ରଶ୍ମିତା ସାହୁ ଏବେ ଏସ୍.ଆଇ. ଭାବେ କାର୍ଯ୍ୟ କରୁଛନ୍ତି।

## ପ୍ରଶଂସକ ଦେଖିବାକୁ ବ୍ୟାକୁଳ

# କୋହଲିଙ୍କ ୭୧ତମ ଶତକ କେବେ ?



ନୂଆଦିଲ୍ଲୀ: ଗତ ଦୁଇ ବର୍ଷ ହେଲା ବିରାଟ କୋହଲି ଅନେକ ଅର୍ଦ୍ଧଶତକ ହାସଲ କରିଛନ୍ତି କିନ୍ତୁ ଶତକ ହାସଲ କରିପାରି ନାହାନ୍ତି। ତେଣୁ ବହୁଦିନରୁ ବିରାଟ କୋହଲିଙ୍କ ପୃଥିବୀ ସାରାର ପ୍ରଶଂସକମାନେ ତାଙ୍କର ୭୧ ତମ ଶତକକୁ ଉତ୍ସାହର ସହ ଅପେକ୍ଷାରେ ଅଛନ୍ତି। ଉଲ୍ଲେଖନୀୟ କଥା ହେଉଛି ପାକିସ୍ତାନୀ ପ୍ରଶଂସକମାନେ ମଧ୍ୟ ବିରାଟ କୋହଲିଙ୍କ ଶତକକୁ ଅପେକ୍ଷା କରି ରହିଛନ୍ତି। ପାକିସ୍ତାନର କ୍ରିକେଟ୍ ପ୍ରଶଂସକ ଚାହୁଁଛନ୍ତି କୋହଲି ପାକିସ୍ତାନ ଆସି ଶତକ ହାସଲ କରନ୍ତୁ। ପାକିସ୍ତାନ ସୁପର୍ ଲିଗ୍ (ପିଏସଏଲ୍) ସମୟରେ ପ୍ରଶଂସକ କୋହଲିଙ୍କ ପୋଷ୍ଟର୍ ଧରି ମ୍ୟାଚ୍ ଦେଖିବାକୁ ଆସିଥିଲେ। ଗୋଟିଏ ପୋଷ୍ଟରରେ ଲେଖା ହୋଇଥିଲା, ମୁଁ ତୁମ ଶତକ ପାକିସ୍ତାନରେ ଦେଖିବାକୁ ଚାହୁଁଛି। ସାମାଜିକ ଗଣମାଧ୍ୟମରେ ଏହି ପୋଷ୍ଟର୍ ଭାଇରାଲ୍ ହେବାରେ ଲାଗିଛି। ବିରାଟ କୋହଲି ଶେଷଥର ପାଇଁ ନଭେମ୍ବର ୨୦୧୯ରେ ବାଂଲାଦେଶ ବିରୋଧରେ ଦିବାରାତ୍ର ଟେଷ୍ଟ ମ୍ୟାଚ୍‌ରେ ଶତକ ହାସଲ କରିଥିଲେ। ଐତିହାସିକ ଇଡେନ୍ ଗାର୍ଡେନରେ ଖେଳାଯାଇଥିବା ସେହି ମ୍ୟାଚ୍‌ରେ ସେ ୧୩୬ ରନର ଚମତ୍କାର ଶତକ ହାସଲ କରିଥିଲେ। ଭାରତୀୟ କ୍ରିକେଟ୍ ଦଳ ୨୦୦୮ରୁ ପାକିସ୍ତାନ ଗସ୍ତରେ ଯାଇନାହିଁ। ରାଜନୈତିକ ଓ କୂଟନୀତିକ ସମ୍ପର୍କ ଭଲ ନଥିବାରୁ ଭାରତ-ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ୍ ଖେଳାଯାଉ ନାହିଁ। କେବଳ ଆଇସିସି ଟୁର୍ଣ୍ଣାମେଣ୍ଟରେ ଭାରତ-ପାକିସ୍ତାନ ମଧ୍ୟରେ ମ୍ୟାଚ୍ ହୋଇଆସୁଛି। ୨୦୧୩ରେ ଶେଷ ଥର ପାଇଁ ଭାରତ-ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ୍ ଖେଳାଯାଇଥିଲା। ଏହି ସିରିଜ୍ ଭାରତରେ ଖେଳା ଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କରୋନା ମହାମାରୀରୁ...

ଥିବା ଚତୁର୍ଦ୍ଧା ମୂର୍ତ୍ତି, ରାଧାକୃଷ୍ଣ ଓ ଶ୍ରୀଚୈତନ୍ୟଙ୍କୁ ଦର୍ଶନ କରିଛନ୍ତି। ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ପ୍ରଦୀପ ଜାଳିଛନ୍ତି। ତେଣୁ ମଠ ଓ ମନ୍ଦିର ପରିସରରେ ମହାମହିମଙ୍କୁ ସ୍ୱାଗତ ଲାଗି ସୁନ୍ଦର ସାଜସଜା କରାଯାଇଥିଲା। ଫୁଲ ସହ ବିଭିନ୍ନ ସନ୍ଥଙ୍କ ଫଟୋ ଚିତ୍ର ସଜାଇ ରଖାଯାଇଛି। ପୁଷ୍ପାଞ୍ଜଳି ଅର୍ପଣ ପରେ ଆପାତତଃ କିଛି ଶୁଖିଲା ପ୍ରସାଦ ରାଷ୍ଟ୍ରପତି ସେବନ କରିପାରନ୍ତି ବୋଲି ଶୁଦ୍ଧାଦ୍ୱୈତୀ ମହାରାଜ ସୂଚ୍ନା ଦେଇଛନ୍ତି। ସୂଚ୍ନାଯୋଗ୍ୟ, ଶ୍ରୀଚୈତନ୍ୟ ଗୌଡୀୟ ମଠରେ ଆୟୋଜିତ ଏହି ଆଡମ୍ବରପୂର୍ଣ୍ଣ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଉଦ୍‌ଘାଟନ କରିବାକୁ ଆସିଥିଲେ ହେଁ ଏହି ମଠକୁ ଆସିବାରେ ସେ ଦ୍ୱିତୀୟ ରାଷ୍ଟ୍ରପତି। ତାଙ୍କ ପୂର୍ବରୁ ୧୯୮୬ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହ ଏହି ମଠ ପରିଦର୍ଶନ କରିଥିଲେ।

### ଓଡ଼ିଶା ଛାଡ଼ିଲେ ...

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଷ୍ଟ୍ରପତିଙ୍କୁ ବିଦାୟ ଶୁଭେଚ୍ଛା ଜଣାଇଥିଲେ । ରବିବାର ଦିନ ପୁରୀରେ ବିଶ୍ୱ ବୈଷ୍ଣବ ସାଧୁ ସମ୍ମିଳନୀରେ ଯୋଗଦେଇ ଭୁବନେଶ୍ୱର ବିମାନବନ୍ଦର ଫେରିଥିଲେ ରାଷ୍ଟ୍ରପତି। ରାଷ୍ଟ୍ରପତି ଏଠାରୁ ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ସେ ଫେରିଯାଇଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଦୁଇ ଦିନ ଧରି କଡା ସୁରକ୍ଷା ବଳୟ ଭିତରେ ଥିଲା ଭୁବନେଶ୍ୱର ଏୟାରପୋର୍ଟ। ରାଷ୍ଟ୍ରପତି ହେବା ପରେ ରାମନାଥ କୋବିନ୍ଦଙ୍କ ଏହା ତୃତୀୟ ପୁରୀ ଗସ୍ତ ଥିଲା । ପ୍ରଥମ ଥର ୨୦୧୮ ମସିହା ମାର୍ଚ୍ଚରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପୁରୀ ଗସ୍ତରେ ଆସିଥିଲେ। ଶେଷ ଥର ୨୦୨୧ ମସିହାରେ ବି ରାଷ୍ଟ୍ରପତି ପୁରୀ ଗସ୍ତରେ ଆସିଥିଲେ। ଗତକାଲି ରାଷ୍ଟ୍ରପତି ଗର୍ଭଗୃହରୁ ସପରିବାର ଶ୍ରୀଜିଉଙ୍କ ଦର୍ଶନ ପରେ ମା’ ବିମଳା ଓ ମା’ ମହାଲକ୍ଷ୍ମୀଙ୍କୁ ଦର୍ଶନ କରିଥିଲେ । ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରିବା ସହ କୌଳିକ ପଣ୍ଡାଙ୍କ ଜରିଆରେ ନାଲି ରଙ୍ଗର ପତିତପାବନ ବାନା ବାନ୍ଧିଥିଲେ ।

ଗତକାଲି ପୁରୀ ରାଜଭବନରେ ରାତି କାଟିବା ପରେ ଆଜି ଗୌଡୀୟ ମିସନର ପ୍ରତିଷ୍ଠାତା ଶ୍ରୀମଦ୍ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ଜନ୍ମଜୟନ୍ତୀର ତୃତୀୟ ବାର୍ଷିକୀ ପାଳନ ଶୁଭାରମ୍ଭ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଯୋଗଦେଇଥିଲେ । ଏଥିରେ, ରାଷ୍ଟ୍ରପତିଙ୍କ ପତ୍ନୀ ସବିତା କୋବିନ୍ଦ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବି ଉପସ୍ଥିତ ଥିଲେ ।

### ଲିଙ୍ଗରାଜଙ୍କୁ ଦର୍ଶନ...

ପ୍ରଭୁ ଲିଙ୍ଗରାଜ ମନ୍ତ୍ରୀଙ୍କ ଦର୍ଶନ କରି ଖୁସି ଅନୁଭବ କରୁଛି।

ଗଣମାଧ୍ୟମ ପ୍ରତିନିଧି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ବିନ୍ଦାସ୍ ଅନ୍ଦାଜରେ ହସି ହସି କହିଥିଲେ, “ଯେବେ ନିର୍ବାଚନ ଆସେ, ମୋ’ ସ୍ୱାସ୍ଥ୍ୟ ଭଲ ନଥିବା ନେଇ ଗୁଜବ କରାଯାଏ। କିନ୍ତୁ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି ଏବଂ ଭଲ ଅଛି।”ହାରିବା ଭୟରେ ବିରୋଧୀମାନେ ଏପରି ଗୁଜବ ପ୍ରଚାର କରୁଛନ୍ତି କି ପ୍ରଶ୍ନର ଜବାବରେ ମୁଖ୍ୟମନ୍ତ୍ରୀ କହିଥିଲେ, “ଏବେ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ଅଧିକ କିଛି କହିବା ଉଚିତ ହେବନାହିଁ। କିନ୍ତୁ ଯେତେବେଳେ ଏମିତି ଗୁଜବ ପ୍ରଚାର ହୁଏ, ସେତେବେଳେ ବିଜେଡି ଭଲ କରିଥାଏ।” ସୂଚନା ଯୋଗ୍ୟ, କିଛି ଦିନ ହେଲା ମୁଖ୍ୟମନ୍ତ୍ରୀଙ୍କ ଦେହ ଅଧିକ ଖରାପ ଥିବା ଚର୍ଚ୍ଚା ହେଉଥିଲା। ମୁଖ୍ୟମନ୍ତ୍ରୀଙ୍କ ପାଇଁ ଭୁବନେଶ୍ୱର ବିମାନବନ୍ଦରରେ ଏକ ଏୟାର ଆମ୍ବୁଲାନ୍ସ ରଖାଯାଇଥିବା ଆଲୋଚନା ହେଉଥିଲା। ବାସ୍ତବରେ ଏ ଗୁଜବ କିଏ ଏବଂ କାହିଁକି କରୁଛି ତାହା ତଦନ୍ତ ସାପେକ୍ଷ। ଏହା ପୂର୍ବରୁ ଜାନୁଆରୀ ୨୬ ତାରିଖରେ ଏହିଭଳି ଏକ ଗୁଜବକୁ ସେ ଖଣ୍ଡନ କରିବାକୁ ଯାଇ ଭୁବନେଶ୍ୱର ରାଜରାସ୍ତାରେ ଚାଲୁଥିବାର ଆମେ ଦେଖିଥିଲୁ। କିନ୍ତୁ ସେତେବେଳେ ନିର୍ବାଚନ ନଥିଲା। ଏବେ ନିର୍ବାଚନ ଚାଲୁଥିବା ବେଳେ ପୁଣିଥରେ ସେହିଭଳି ଏକ ଗୁଜବର ଅନ୍ତ ଘଟାଇ ସେ ଲିଙ୍ଗରାଜ ମନ୍ଦିରକୁ ଯାଇଥିବାର ଦୃଶ୍ୟ ଓଡ଼ିଶାବାସୀ ଦେଖିଲେ। ମାତ୍ର ଓଡ଼ିଶାବାସୀଙ୍କ ପାଖରେ ରହସ୍ୟ ହୋଇ ରହିଗଲା ଏହି ଗୁଜବ ପଛରେ କାହାର ହାତ ଅଛି। ଏଭଳି ଗୁଜବ ଯେପରି ରହସ୍ୟମୟ ତାକୁ ଖଣ୍ଡନ କରିବା ପାଇଁ କାର୍ଯ୍ୟ ପଦ୍ଧତି ସେହିପରି ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟିକରେ। ମନରେ ପ୍ରଶ୍ନଆସେ ଏସବୁ ନିଜ ଦଳର ପ୍ରାୟୋଜିତ କାର୍ଯ୍ୟ ନୁହେଁକି।

### ହାରିବା ଭୟରେ...

ବିଜେପି ନେତା ଓ କର୍ମୀମାନେ ଗଜପତି ଓ ପିପିଲିରେ ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଛନ୍ତି। କୋରାପୁଟ, ସାଲେପୁର, ବ୍ରହ୍ମଗିରି, କଣାସ, ଢେଙ୍କାନାଳ ଏବଂ ଆହୁରି ଅନେକ ଜିଲ୍ଲାମାନଙ୍କରେ ବିଜେପି ନିର୍ବାଚନୀ ହିଂସା କରିଛି । ଏହା ପୂର୍ବରୁ ବିଜେପି ସାଂସଦ ଶ୍ରୀ ଜୁଏଲ ଓରାମ ଜଣେ ମହିଳାଙ୍କ ସହ ଅସଦାଚରଣ କରିବା ଓ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବିଶେଶ୍ୱର ଟୁଡୁ ସରକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣ କରି ତାଙ୍କ ହାତ ଭାଙ୍ଗି ଦେବା ଭଳି ଘଟଣା ବିଜେପିର ହିଂସା ପ୍ରବଣତାକୁ ଦର୍ଶାଇ ଥିଲା । ବିଜେଡି ଆଶା କରୁଛି ଯେ ବିଜେପି ହିଂସାରୁ ନିବୃତ୍ତରହି ଏହି ଗଣତନ୍ତ୍ରର ପର୍ବକୁ ଅହିଂସା ଦ୍ୱାରା ସୁଦୃଢ଼ କରିବ ବୋଲି ଶ୍ରୀ ଦାସ କହିଛନ୍ତି ।



# ଚ୍ଳଚ୍ଚିତ୍ର ‘ଦୃଷ୍ଟିକୋଣ’ରେ ଏଲିନା






ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ପ୍ରଥମ ଥର ପାଇଁ ଓଲିଉଡ ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କୁ ପୁଲିସ୍ ଭୂମିକାରେ ଦେଖିବାକୁ ମିଳିବ। ସେ ସେ କ୍ରାଇମ୍ ବ୍ରାଞ୍ଚ ଏସ୍‌ପି ଆଇପିଏସ୍ ହର୍ଷିତା ଦେବ ଚ୍ରିତ୍ରରେ ନଜର ଆସିବେ । ବରିଷ୍ଠ ପ୍ରଯୋଜକ ଅକ୍ଷୟ ପରିଜାଙ୍କ ଆଗାମୀ ବିଗ୍ ବଜେଟ୍‌ର ସିନେମା ‘ଦୃଷ୍ଟିକୋଣ’ରେ ଏଲିନାଙ୍କୁ ଏମିତି ଏକ ରୂପରେ ଦେଖିବେ ସିନେ ଦର୍ଶକ। ସିନେମାରେ ଏଲିନା ଜଣେ ପୁଲିସ୍ ଭାବେ ନୀରିହ ଜନତାଙ୍କୁ କ’ଣ ନ୍ୟାୟ ଦେଇପାରିବେ ? ପୁରୁଷ ପୁରୁଷ ଧରି ଚ୍ାଲି ଆସିଥିବା ପ୍ରଥା ଆଉ ଲୋକଙ୍କ ଦୃଷ୍ଟିକୋଣକୁ କ’ଣ ପରିବର୍ତ୍ତନ କରିପାରିବ ଆଜିର ଆଇନ୍ ? ତାହା ତ ସମୟ କହିବ । ଏବେ କିନ୍ତୁ ଚ୍ଳଚ୍ଚିତ୍ର ଓ ଏଲିନାଙ୍କ ଭୂମିକାକୁ ନେଇ ଇଣ୍ଡଷ୍ଟ୍ରିରେ ଢେର ସାରା ଚ୍ର୍ଚ୍ଚା ଏବଂ ଆଲୋଚ୍ନା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଏହା ଆସୁଛି ବୋଲି ପ୍ରଥମ ପୋଷ୍ଟର ସୋସିଆଲ୍ ମିଡିଆରେ ରିଲିଜ୍ କରି ଓଟିଟି କଞ୍ଚାଲଙ୍କା ପକ୍ଷରୁ ସୂଚ୍ନା ଦିଆଯାଇଛି । ସିନେମାର ନିର୍ଦ୍ଦେଶନା ଦେଇଛନ୍ତି କ୍ରିଏଟିଭ୍ ନିର୍ଦ୍ଦେଶକ ସୁଶାନ୍ତ ମଣି ଓ ରିପୋର୍ଟ ଦେଇଛନ୍ତି ଅମୃତ ନନ୍ଦ। କାହାଣୀ ରଚ୍ନା ନିଜେ ଶ୍ରୀ ପରିଜା କରିଥିଲା ବେଳେ ସଂଳାପ ଲେଖିଛନ୍ତି ସଞ୍ଜୀତ ରଥ । ସଙ୍ଗୀତ ଦେଇଛନ୍ତି ଅନବୁ ସେଲ୍‌ଭନ । ଡିଓପିରେ କୁହୁ ମଲ୍ଲ, ଏଡିଟିଂରେ ସୁକୁମାର ମଣି ଏବଂ କଳାରେ ଲିଙ୍କନ ସହାୟତା କରିଛନ୍ତି। ଏହି ସିନେମାକୁ ନେଇ ପୂରା ଟିମ୍ ଉତ୍ସାହିତ ରହିଛି।

# ଦୁଇ ସୁପରଷ୍ଟାରଙ୍କ ମହା ମିଳନ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ପ୍ରଥମ ଥର ପାଇଁ ଅଭିନେତା ଅନୁଭବଙ୍କ ମେଗା ରିଆଲିଟି ଗେମ୍ ସୋ ‘ଦାଦାଗିରି‘ ରେ ଅଭିନେତା ବାବୁଶାନ୍ ଅତିଥି ଭାବେ ଭାଗ ନେବା ସହ ମଉଜ ମସ୍ତି କଲେ।ଫିଲ୍ମ ବାଲୁଙ୍ଗା ଟୋକା ର ଶୀର୍ଷ ସଙ୍ଗୀତ ରେ ନାଚ଼ିଲେ ଓଡ଼ିଶାର ଦୁଇ ସୁପରଷ୍ଟାର ଅନୁଭବ ଓ ବାବୁଶାନ୍।ଅଭିନେତା ଅନୁଭବ ମହାନ୍ତି ଙ୍କ ପ୍ରଥମ ଓଡ଼ିଆ ଚ୍ଳଚ୍ଚିତ୍ର ଆଇ ଲଭ ୟୁ ର କଳାକାର ନମ୍ରତା ଥାପା, ପିଣ୍ଟୁ ନନ୍ଦ, ପ୍ରଯୋଜକ ଟୁଟୁ ନାୟକ, କଣ୍ଠଶିଳ୍ପୀ ଟି ସୈ।ରୀ , ଜୀ ସାର୍ଥକ ର ଲୋକପ୍ରିୟ ଧାରାବାହିକର ଅଭିନେତ୍ରୀ ଲିପ୍ସା ମିଶ୍ର,ଜୀନା ସାମଲ,ଜେସୀ ସାମଲ, ତୃପ୍ତି ମିରାମ୍ବିକା, ପ୍ରମୁଖ ଦାଦାଗିରି ହୃଦୟ ରୁ ରେ ଭାଗ ନେଇ ଦର୍ଶକ ଙ୍କ ମନୋମୋହି ସାରିଛନ୍ତି।ସୁପରଷ୍ଟାର ବାବୁଶାନ୍ ଙ୍କ ଅଧ୍ୟାୟ ଟି ଆସନ୍ତା ଶନିବାର ୧୯ ଫେବୃଆରୀ ରେ ଦାଦାଗିରିର ପ୍ରସାରଣ ହେବ।ଏହି ଅଧ୍ୟାୟ ରେ ବାବୁଶାନ୍ ଅନୁଭବଙ୍କ ସହ ଗେମ୍ ଖେଳିବା ସହ ନିଜ ଚ୍ଳଚ୍ଚିତ୍ର ର ଗୀତ ଓ ନୃତ୍ୟ ମଧ୍ୟ କରିବାର ଦେଖିବାକୁ ମିଳିବ।

# ନୂଆ ଓଡ଼ିଆ ସିନେମା ଉଦଣ୍ଡୀ ସୀତା




ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ‘ସୀତା ଲୋ ଆଜି ଜଳୁଛି ଯାହାର ଚ୍ିତା ଲୋ’ । ଏ ଗୀତ ସବୁବେଳେ ଦର୍ଶକଙ୍କ ହୃଦୟକୁ ଛୁଇଁଛି । ଯେତେବେଳେ ଯେଉଁଠି ଏ ଗୀତ ବାଜିଛି ଦର୍ଶକ ୧୯୯୨ ମସିହାକୁ ଫେରିଛନ୍ତି ଆଉ ଖୋଜିଛନ୍ତି ଉଦଣ୍ଡୀ ସୀତାକୁ। ଆଜି ଠିକ୍? ୩୦ ବର୍ଷ ପରେ ସେମିତି ସେହି ଶୀର୍ଷକକୁ ନେଇ ନିର୍ମାଣ ହେଉଛି ଆଉ ଏକ ନୂଆ ଓଡ଼ିଆ ସିନେମା। ନିକଟରେ ଏହି ସିନେମାର ସୁଟିଂ ଆରମ୍ଭ ହୋଇଛି। ଅଶ୍ୱିନୀ ତ୍ରିପାଠୀ ଫିଲ୍ମସ୍ ବ୍ୟାନରରେ ଆଇଡଲ୍ ଓଡ଼ିଶା ସହଯୋଗରେ ସିନେମାଟି ପ୍ରସ୍ତୁତ ହେଉଛି। ଯାହାର ମୁଖ୍ୟ ଚ୍ରିତ୍ରରେ ଅଭିନୟ କରୁଛନ୍ତି ଓଲିଉଡ ଅଭିନେତ୍ରୀ ଦେବଯାନୀ। ଯିଏ ଅତୀତରେ ଦର୍ଶକଙ୍କୁ ଅନେକ ଓଡ଼ିଆ ସିନେମା ଭେଟି ଦେଇଛନ୍ତି। ଏହି ସିନେମାରେ କିନ୍ତୁ ଦର୍ଶକ ଦେବଯାନୀଙ୍କୁ ସମ୍ପୂର୍ଣ୍ଣ ନୂଆ ରୂପରେ ଦେଖିବାକୁ ପାଇବେ । ସେ ଜଣେ ଶକ୍ତିଶାଳୀ, ସାହସୀ ଚ୍ରିତ୍ରରେ ନଜର ଆସିବେ । ସିନେମାର କାହାଣୀ, ଚ୍ିତ୍ରନାଟ୍ୟ ଓ ନିର୍ଦ୍ଦେଶନା ସାଙ୍ଗକୁ ପ୍ରଯୋଜନା ଭାର ସମ୍ଭାଳିଛନ୍ତି ମ୍ୟୁଜିକ୍ ଭିଡିଓ ଦୁନିଆର ସୁପରଷ୍ଟାର୍ ଅଶ୍ୱିନୀ ତ୍ରିପାଠୀ ଓ ରିପୋର୍ଟ ଦେଇଛନ୍ତି ଅମୃତ ନନ୍ଦ। ସଂଳାପ ଡ. ରଜନୀରଞ୍ଜନ ଲେଖିଥିଲା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଲୋକପ୍ରିୟ ସଙ୍ଗୀତକାର ଜାପାନୀ । ଡିଓପିରେ ଅକ୍ଷୟ କୁମାର ନାୟକ, ସମ୍ପାଦନାରେ ମାନସ କୁମାର ସାହୁ ଏବଂ କଲରିଷ୍ଟ ଭାବେ ବିଶ୍ୱଜିତ ସ୍ୱାଇଁ ସହାୟତା କରୁଛନ୍ତି ।

# ରାଷ୍ଟ୍ରପତିଙ୍କୁ ସ୍ୱାଗତ କଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ





ପୁରୀ/ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ରାମନାଥ କୋବିନ୍ଦ ପୁରୀ ଶ୍ରୀମନ୍ଦିର ଯାଇ ଶ୍ରୀଜିଉଙ୍କ ଆଶୀର୍ବାଦ ନେଇଛନ୍ତି। ସପରିବାରେ ସେ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଛନ୍ତି।

ରାଷ୍ଟ୍ରପତିଙ୍କ କୌଳିକ ପଣ୍ଡାଙ୍କ ସୂଚନା ଅନୁସାରେ ରାଷ୍ଟ୍ରପତି ଗର୍ଭଗୃହକୁ ଯାଇ ଶ୍ରୀଜିଉଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ପରେ ବେହରଣ ଦ୍ୱାର ଦେଇ ପ୍ରସ୍ଥାନ ସହ ମୁକ୍ତି ମଣ୍ଡପରେ ପଣ୍ଡିତଙ୍କ ଆଶୀର୍ବାଦ ନେଇଥିଲେ। ପରେ ବିମଳା ଓ ମହାଲକ୍ଷ୍ମୀ ମନ୍ଦିର ଯାଇ ଆଶିଷ ଭିକ୍ଷା କରି କୀର୍ତନ ଚକଡ଼ାରେ ଛିଡ଼ା ହୋଇ ନୀଳଚକ୍ରରେ ପତିତପାବନ ବାନା ବନ୍ଧାର ଦୃଶ୍ୟ ଦେଖି ତଲ୍ଲୀନ ହୋଇଥିଲେ। କୌଳିକ ପଣ୍ଡା ଏକ ସ୍ୱତନ୍ତ୍ର ତାମ୍ର ଫଳକ ରାଷ୍ଟ୍ରପତିଙ୍କୁ ଉପହାର ସ୍ୱରୂପ ଦେଇଥିଲେ। ରାଷ୍ଟ୍ରପତି ଶ୍ରୀମନ୍ଦିର ପରିସରରୁ ବିଦାୟ ନେବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ଏକ ସ୍ୱତନ୍ତ୍ର ପଟ୍ଟଚିତ୍ର ଉପହାର ଦିଆଯାଇଥିଲା। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମଧ୍ୟ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ।

ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ଅପରାହ୍ନରେ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିଥିଲେ। ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ପୁଲିସ ଡିଜି ସୁନୀଲ ବଂଶଲ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ବାୟୁସେନାର ଏକ ସ୍ୱତନ୍ତ୍ର ହେଲିକପ୍ଟରରେ ସ୍ଥାନୀୟ ତାଳବଣିଆ ହେଲିପ୍ୟାଡ୍ ରେ ପହଂଚିବା ପରେ ଆରଡିସି ଓ ଜିଲ୍ଲାପାଳ ସ୍ୱାଗତ ଜଣାଇଥିଲେ।

# ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ବାର୍ତ୍ତାକୁ ଏକବିଂଶ ଶତାବ୍ଦୀରେ ମାନବ କଲ୍ୟାଣ ପାଇଁ ଉପଯୋଗ କରିବା:ଧର୍ମେନ୍ଦ୍ର



ପୁରୀ,(ସଂଦେଶ ବ୍ୟୁରୋ): ମାନବତାକୁ ଆସ୍ଥା ଆଧାରରେ ବାଂଟି ହେବନାହିଁ। ସତ୍ୟ ଏକ୍, ଏହାକୁ ବାଂଟି ହେବ ନାହିଁ। ବ୍ୟକ୍ତିକୁ ସବୁ ବେଳେ ଇଶ୍ୱରଙ୍କ ସ୍ମରଣ କରିବା ଉଚିତ ବୋଲି ପୁରୀର ଶରଧାବାଲି ଠାରେ ଆୟୋଜିତ 'ବିଶ୍ୱ ବୈଷ୍ଣବ ସମ୍ମିଳନୀ'କୁ ଉଦ୍‌ଘାଟନ କରିବା ଅବସରରେ ମହାମହିମ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ଉଦବୋଧନ ଦେଇଛନ୍ତି। ଗୌଡ଼ୀୟ ମିଶନର ପ୍ରତିଷ୍ଠାତା ଶ୍ରୀମଦ୍ ଭକ୍ତିସିଦ୍ଧାନ୍ତ ଗୌଡ଼ୀୟ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ମହାରାଜଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଆୟୋଜିତ ତିନି ବର୍ଷିଆ ଜୟନ୍ତୀ ସମାରୋହର ଉଦଘାଟନୀ କାର୍ଯ୍ୟକ୍ରମରେ ମହାମହିମ ରାଷ୍ଟ୍ରପତି କହିଛନ୍ତି ଇଶ୍ୱରଙ୍କ ପ୍ରତି ନିରନ୍ତର ପ୍ରେମ-ଭାବ ତଥା ସମାଜକୁ ସମାନତାର ଡୋରିକୁ ଯୋଡ଼ିବାରେ ଚୈତନ୍ୟ ମହାପ୍ରଭୁଙ୍କ ଅଭିଯାନ ତାଙ୍କୁ ଭାରତୀୟ ସଂସ୍କୃତି ଓ ଭାରତୀୟ ଇତିହାସରେ ଅଦ୍ୱିତୀୟ କରୁଛି। ଚୈତନ୍ୟ ମହାପ୍ରଭୁଙ୍କ ଶକ୍ତି। ଯେଉଁ ମହାନ ବଟବୃକ୍ଷକୁ ସେ ବିକଶିତ କରିଥିଲେ, ତାହାରର ବିଭିନ୍ନ ଶାଖା ପ୍ରଶାଖା ଗୁଡ଼ିକ ଦେଶ ବିଦେଶରେ ପ୍ରସ୍ଫୁଟିତ ହୋଇପାରିଛି ବୋଲି ରାଷ୍ଟ୍ରପତି କହିଛନ୍ତି। ସେହିପରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଶ୍ରୀଳ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କୁ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ କହିଛନ୍ତି ଯେ ଭାରତୀୟ ସାଧୁସନ୍ଥ, ଶ୍ରୀଚୈତନ୍ୟ ମହାପ୍ରଭୁ ଓ ଶ୍ରୀଳ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ବାର୍ତ୍ତା ହେଉଛି "ସମାଜ ଜାଗ୍ରତ ହେଲେ ଦେଶ ଜାଗ୍ରତ ହେବ ଓ ଦେଶ ଜାଗ୍ରତହେଲେ ମାନବ କଲ୍ୟାଣ ହେବ"। ସମସ୍ତେ ଏ ମହତ ବାର୍ତ୍ତାକୁ ଏକବିଂଶ ଶତାବ୍ଦୀରେ ମାନବ କଲ୍ୟାଣ ପାଇଁ ଉପଯୋଗ କରିବା ଓ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ବାର୍ତ୍ତା, ସାହିତ୍ୟ ଓ ବିଚାରଧାରା ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦ରେ ପ୍ରତଫଳିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଏହି ଶିକ୍ଷା ନୀତିର ଗୋଟିଏ ଗୋଟିଏ ପୃଷ୍ଠାରେ ଶିକ୍ଷାକୁ ଆଧୁନିକ ସହ ଆତ୍ମନିର୍ଭର ନାଗରିକ ତିଆରି କରିବାର ଲକ୍ଷ୍ୟ ରହିଛି। ଭାରତବର୍ଷରେ ମୋଗଲ ସାମ୍ରାଜ୍ୟ ଶେଷ ହେବା ସମୟରେ ଏବଂ ବ୍ରିଟିଶ ଶାସନର ପଦଧ୍ୱନୀ ଭାରତ ଆଡ଼କୁ ମାଡ଼ି ଆସୁଥିବା ବେଳେ, ଏଭଳି ଏକ ମୁହୂର୍ତରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପ୍ରେମମୟ ଓ ସ୍ନେହପୂର୍ଣ୍ଣ ବାର୍ତାର ଉତ୍ପତି ହୋଇଥିଲା ଏବଂ ଏହି ବୈଶ୍ୱିକ ବିଚାର ଲୋକମାନଙ୍କ ମଧ୍ୟରେ ନୂଆ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରିଥିଲା।

# ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଲେ କଣ୍ଟ୍ରି ନିର୍ଦ୍ଦେଶକ ବିସୋ ପାରାଜୁଲି



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ(ଡବ୍ଲୁଏଫପି)ର ପ୍ରତିନିଧି ତଥା କଣ୍ଟ୍ରି ନିର୍ଦ୍ଦେଶକ ବିସୋ ପାରାଜୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟିଛନ୍ତି। ରାଜ୍ୟରେ ଖାଦ୍ୟ ସୁରକ୍ଷାକୁ ନେଇ ଚାଲିଥିବା କାର୍ଯ୍ୟକ୍ରମକୁ ଶ୍ରୀ ପାରାଜୁଲି ପ୍ରଶଂସା କରିବା ସହିତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ରୋମ୍‌ରେ ହେବାକୁ ଥିବା ସମ୍ମିଳନୀ ପାଇଁ ବିଧିବଦ୍ଧ ନିମନ୍ତ୍ରଣ କରିଛନ୍ତି।

ଗଣମାଧ୍ୟମକୁ ଶ୍ରୀ ପାରାଜୁଲି କହିଛନ୍ତି ଯେ ଓଡିଶାରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ରାଜ୍ୟ ସରକାରଙ୍କ କାର୍ଯ୍ୟ ପ୍ରଶଂସନୀୟ। ବିଶେଷକରି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡିଶା ଆଗରେ ରହିଛି। ବିପର୍ଯ୍ୟୟରେ କୌଣସି ବ୍ୟକ୍ତି ମୃତାହତ ନ ହେବା ବା ଜିରୋ

## ଓଡିଶାରେ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମକୁ ପ୍ରଶଂସା କଲେ

କାଜୁଆଲ୍‌ଟିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି। ସେହିପରି ରାଜ୍ୟର ଗ୍ରାମାଞ୍ଚଳର ମହିଳାମାନଙ୍କ ଜୀବନ ଧାରଣରେ ଉନ୍ନତିରେ ମିସନ ଶକ୍ତିର ବଡ ଭୂମିକା ରହିଛି। ଲୋକଙ୍କ ପାଖକୁ ସିଧାସଳଖ ଟଙ୍କା ପଠାଇବା, କୋଭିଡ ପରିଚାଳନା ଭଳି କ୍ଷେତ୍ରରେ ଓଡିଶା ସରକାର ବେଶ୍ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଏସବୁ କାର୍ଯ୍ୟ ମିଳିତ ଜାତିସଂଘର ଥିବା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ଏହା ଫଳପ୍ରଦ ହୋଇପାରିବ। ସେ ଆହୁରିମଧ କହିଥିଲେ ଯେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡିଶା ସରକାର ଯେଉଁ ଅଭିଜ୍ଞତା ହାସଲ କରିଛନ୍ତି ତାହାକୁ ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ। ବିଗତ ବର୍ଷଗୁଡିକରେ ଭାରତ ବେଶ୍ ଅଗ୍ରଗତି କରିଛି। ଓଡିଶା ମଧ ଧାନ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିଛି। ତେଣୁ ଏସବୁ ଅଭିଜ୍ଞତାକୁ ନେଇ ଡବ୍ଲୁଏଫ୍‌ପି ଓ ରାଜ୍ୟ ସରକାର ମିଳିତଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ପାରାଜୁଲି କହିଛନ୍ତି।

# କ୍ୟାନ୍ସର ହସ୍‌ପିଟାଲର ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସୁବ୍ରତ ବାଗ୍‌ଚ୍ଚୀ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟରେ ପ୍ରତିଷ୍ଠା ହେବାକୁ ଥିବା ସୁପର ସ୍ପେଶାଲିଟି କ୍ୟାନ୍ସର ହସ୍ପିଟାଲର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତକାର କରିଛନ୍ତି ସୁବ୍ରତ ବାଗ୍‌ଚ୍ଚୀ। ୭୫୦ ଶଯ୍ୟା ବିଶିଷ୍ଟ ଶ୍ରୀ ଶଙ୍କର କ୍ୟାନ୍ସର ହସ୍ପିଟାଲ ନିର୍ମାଣ କରାଯିବ। ସୁବ୍ରତ ବାଗ୍‌ଚ୍ଚୀଙ୍କ ସମେତ ଶ୍ରୀ ଶଙ୍କର କ୍ୟାନ୍ସର ହସ୍ପିଟାଲ ପ୍ରତିଷ୍ଠାତା ଡ଼ ଶ୍ରୀନାଥଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ। କୋଭିଡ ଉପରେ କାମ ଚାଲିଛି। ଲୋକଙ୍କୁ ତାଲିମ ଦିଆଯାଉଛି। ୨୦୨୩ ରଥଯାତ୍ରା ସମୟରେ କ୍ୟାନ୍ସର ହସ୍ପିଟାଲରେ ରୋଗୀ ଦେଖିବା ଆରମ୍ଭ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। କ୍ୟାନ୍ସରର ସମସ୍ତ ଅତ୍ୟାଧୁନିକ ଯନ୍ତ୍ରପାତି ଉକ୍ତ ହସ୍ପିଟାଲରେ ଉପଲବ୍ଧ ହେବ। କ୍ୟାନ୍ସର ହସ୍ପିଟାଲ ସମେତ ପାଲିଏଟିଭ କେୟାର ୟୁନିଟ ମଧ ନିର୍ମାଣ କରାଯାଉଛି। ଶେଷ ଜୀବନରେ କର୍କଟ ରୋଗରେ ପୀଡିତ ରୋଗୀଙ୍କୁ ଏହି କେୟାର ୟୁନିଟରେ ଚିକିତ୍ସା ପ୍ରଦାନ କରାଯିବ।

୧୦୦ ଶଯ୍ୟା ବିଶିଷ୍ଟ ଏହି ପାଲିଏଟିଭ କେୟାର ୟୁନିଟ ନିର୍ମାଣ କରାଯାଉଛି। କରୁଣାଶ୍ରୟ ସଂସ୍ଥା ପକ୍ଷରୁ ଏହି ୟୁନିଟର କାମ ଆରମ୍ଭ ହୋଇଛି। ଏହା ପୂର୍ବରୁ ଭୁବନେଶ୍ୱର ଏବଂ କଟକରେ ଘରକୁ ଘର ବୁଲି କର୍କଟର ଶେଷ ସମୟରେ ଥିବା ବ୍ୟକ୍ତିଙ୍କୁ ଚିକିତ୍ସା ପ୍ରଦାନ କରାଯାଉଥିବା କହିଛନ୍ତି ସୁବ୍ରତ ବାଗ୍‌ଚ୍ଚୀ। ସେହିପରି ରାଜ୍ୟରେ ଏକ ଅତ୍ୟାଧୁନିକ କ୍ୟାନ୍ସର ହସ୍ପିଟାଲର ଆବଶ୍ୟକତା ରହିଛି। ଏହାର ନିର୍ମାଣ ଆରମ୍ଭ ହୋଇଛି। ଖୁବଶୀଘ୍ର ଶେଷ ହେବ। ବିଶ୍ୱର ବୃହତ ହସ୍ପିଟାଲରେ ମିଳୁଥିବା ସମସ୍ତ ସୁବିଧା ଏଠାରେ ଉପଲବ୍ଧ ହେବ। ଲୋକଙ୍କୁ ଉତ୍କୃଷ୍ଟ ଚିକିତ୍ସା ସେବା ଯୋଗାଇଦେବା ଆମର ଲକ୍ଷ୍ୟ ଥିବା ଡ଼ ଶ୍ରୀନାଥ କହିଛନ୍ତି।

# ଗଣତନ୍ତ୍ରରେ ଲୋକଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାନଯାଉ: ସମୀର



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଚଳିତ ତ୍ରିସ୍ତରୀୟ ପଚାଂୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଗତକାଲି ଶେଷ ହୋଇଛି। ଗତ ୨୦୧୭ ପଂଚାୟତ ନିର୍ବାଚନ ସମୟରେ ବିଜେଡିର ରାଜନୈତିକ ହିଂସାରେ ଆମ ଦଳର ୧୩ ଜଣ କାର୍ଯ୍ୟକର୍ତାଙ୍କ ମୁଣ୍ଡ ଗଡ଼ିଥିଲାବେଳେ ପରବର୍ତୀ ସମୟରେ ମାହାଙ୍ଗା ଡବଲ ମର୍ଡର ଏବଂ ଏବେ ଭଦ୍ରକରେ ଜଣଙ୍କର ମୃତ୍ୟୁ ପ୍ରସଙ୍ଗରେ ଏପର୍ଯ୍ୟନ୍ତ ବି ମୁଖ୍ୟମନ୍ତ୍ରୀ ମୁହଁ ଖୋଲି ନାହାଁନ୍ତି। ୨୦୧୯ ନିର୍ବାଚନରେ ଖୋର୍ଦ୍ଧା ଜିଲ୍ଲାରେ ମଙ୍ଗୁଳି ଜେନାକୁ କିଏ ହତ୍ୟା କରିଥିଲା? ରାଜ୍ୟରେ ନିର୍ବାଚନୀ ହିଂସା କିଏ କରାଉଛି? 'ମନ୍ଦିର ଭିତେ କିଏ ନା ମୁଁ କଦଳି ଖାଇ ନାହିଁ' ! ରାଜ୍ୟରେ ରାଜନୈତିକ ହିଂସା ପ୍ରସଙ୍ଗରେ ବିଜେଡିର ଜବାବ୍ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି। ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ବିଜୁ ଜନତା ଦଳର ପ୍ରତାପ ଜେନା, ସୁଶାନ୍ତ ସିଂହ, ଦିବ୍ୟଶଙ୍କର ମିଶ୍ର, ସଞ୍ଜୟ ଦାସବର୍ମାଙ୍କ ଭଳି ଦାଗୀ ନେତାଙ୍କୁ ନବୀନ ନିଜର ଛତ୍ର ଛାୟା ତଳେ ରଖିଛନ୍ତି। ସେମାନେ ବିଭିନ୍ନ ହିଂସାରେ ସମ୍ପୃକ୍ତ ଥିଲେ ମଧ ତାଙ୍କ ଉପରେ କାହିଁକି କିଛି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଢ଼େ ୪କୋଟି ଓଡ଼ିଶାବାସୀଙ୍କୁ ନୈତିକତାର ଭାଷା କହି ନିଜକୁ ଲଜ୍ଜିତ କରନ୍ତୁ ନାହିଁ। ସତସାହାସ ଥିଲେ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ଅନୁଷ୍ଠିତ କରାଇବା ପରିପ୍ରେକ୍ଷୀରେ ରାଜନୈତିକ ଜବାବ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ମହାନ୍ତି ଖୋଲା ଆହ୍ୱାନ ଦେଇଛନ୍ତି।

ଦିନକୁ ଦିନ ନବୀନ ବାବୁଙ୍କ ସରକାରରେ ଅରାଜକତା ଓ ହିଂସା ଶୀର୍ଷରେ ପହଂଚିଛି ଏବଂ ଗତ କାଲି ଘଟିଯାଇଥିବା ହିଂସାକାଣ୍ଡ ଏହାର ସଦ୍ୟତମ ଉଦାହରଣ। ଗତ କାଲି ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଧର୍ମଶାଳା, ଯାଜପୁର, ବ୍ରହ୍ମଗିରି, ଅନୁଗୋଳ, ହିନ୍ଦୋଳ, ଭଦ୍ରକ, କଣାସ, ନୟାଗଡ଼, ଜଳେଶ୍ୱର, ବାଙ୍ଗିରିପୋଷୀ, ଭଟଲି ଓ ପାଟଣାଗଡ଼ ସମେତ ପିପିଲି, ବଲାଙ୍ଗିର, କନ୍ଧମାଳ, ଝାରସୁଗୁଡ଼ା ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ହୋଇଥିବା ହିଂସାକାଣ୍ଡରେ ଶାସକ ଦଳର କର୍ମୀମାନେ ସିଧାସଳଖ ସମ୍ପୃକ୍ତ ଅଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ବିଜୁ ଜନତା ଦଳର ଗୁଣ୍ଡାରାଜ ପାଇଁ ନାଗରିକମାନେ ଭୋଟ ଦେବାକୁ ବୁଥକୁ ଯିବାକୁ ଭୟ କରୁଛନ୍ତି। ଶାସକ ଦଳ କର୍ମୀମାନଙ୍କ ପ୍ରାଦୁର୍ଭାବ ଏତେ ଅଧିକ ଯେ ଗଣମାଧମ ପ୍ରତିନିଧିଙ୍କୁ ବାଡେବାରେ ସେ ପଛଘୁଂଚା ଦେଇନାହାନ୍ତି। ଯେଉଁଠି ଗଣମାଧମ ପ୍ରତିନିଧି ସୁରକ୍ଷିତ ନୁହେଁ ସେଠି ଲୋକମାନେ କିଭଳି ସୁରକ୍ଷା ପାଇପାରିବେ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଶାସକ ଦଳ ଦିବାଲୋକରେ ଟଙ୍କା ବାଂଟୁଥିବାର ଭିଡିଓ ଭାଇରାଲ ହେଉଛି। ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ରେ ସ୍ଥାନୀୟ ବିଧାୟକଙ୍କ ଭାଇ ପୁଲିସ ଗାଡିରେ ଟଙ୍କା ବାଂଟୁଥିବା ଭିଡିଓ ମଧ ଭାଇରାଲ ହୋଇଛି। ସେହିପରି ଝାରସୁଗୁଡା ଜିଲ୍ଲାର ଲଖନପୁରରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସରକାରଙ୍କ ପ୍ରଭାବଶାଳୀ ମନ୍ତ୍ରୀଙ୍କ ଝିଅ ଦିନ ଦ୍ୱିପହରରେ ଏସଏସଜି ଗ୍ରୁପ ସହ ମିଶି ଟଙ୍କା ବାଣ୍ଟୁଛନ୍ତି।

# ପଞ୍ଚାୟତ ନିର୍ବାଚନରେ ସାମ୍ବାଦିକଙ୍କୁ ଆକ୍ରମଣ ଦୃଢ ନିନ୍ଦାକଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ରାଜ୍ୟର ବିଭିନ୍ନ ସ୍ଥାନରେ ପଂଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ସମୟରେ ଶାସକ ଦଳର ହିଂସା ଓ ଅରାଜକତାକୁ ଦୃଢ ଭାବେ ନିନ୍ଦା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ତୃଣମୂଳ ସ୍ତରରେ ଭୋଟ୍ ଦେବା ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖାଯାଇଛି। ଏହା ଆମର ଗଣତନ୍ତ୍ର ପାଇଁ ଏକ ଶୁଭ ସଙ୍କେତ। କିନ୍ତୁ ଆଜି ଧର୍ମଶାଳା, ଯାଜପୁର, ବ୍ରହ୍ମଗିରି, ଅନୁଗୋଳ, ହିନ୍ଦୋଳ, ଭଦ୍ରକ, କଣାସ, ଜଳେଶ୍ୱର, ବାଙ୍ଗିରିପୋଷୀ, ଭଟଲି ଓ ପାଟଣାଗଡ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ବାଚନୀ ହିଂସା ଘଟିଥିବା ଗଣମାଧମରେ ପ୍ରକାଶ ପାଇଛି। ଏହା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ୍ ନିର୍ବାଚନୀ ହିଂସା ମଧ ଘଟିଛି। ଏହା ଚିନ୍ତାଜନକ ଓ ଦୁଃଖଦାୟକ। ହିଂସା ଦ୍ୱାରା ଗଣତନ୍ତ୍ରର ଏହି ମହାନ ପର୍ବରେ ବ୍ୟାଘାତ ଆସିବା ଅନୁଚିତ। ଶାସକ ଦଳର ହିଂସା ଓ ଅରାଜକତାକୁ ମୁଁ ଦୃଢ ଭାବେ ନିନ୍ଦା କରୁଛି। ଓଡିଶା ପ୍ରଶାସନ ଠିକ୍ ଭାବରେ ନିଜର କାର୍ଯ୍ୟ କରିବା ସହ ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ। ରାଜ୍ୟରେ ପଂଚାୟତ ସ୍ତରରେ ଆହୁରି ୪ଟି ପର୍ଯ୍ୟାୟରେ ମତଦାନ ହେବାକୁ ଯାଉଛି। ତେଣୁ ରାଜ୍ୟ ନିର୍ବାଚନ ଆୟୋଗ ନିର୍ବାଚନୀ ହିଂସାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଏବଂ ଆଗାମୀ ପର୍ଯ୍ୟାୟରେ ମତଦାନ କିଭଳି ଶାନ୍ତିପୂର୍ଣ୍ଣ ହେବ ସେ ଦିଗରେ ଧ୍ୟାନ ଦେବେ ବୋଲି ମୁଁ ଆଶା କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରି କହିଛନ୍ତି।

Printed, Published , Owned by Puspanjali Das and Printed by her at Mayur Offset Printers, D1/1 Mancheswar Industrial Estate, Bhubaneswar,751010 and Published at EB-672, Badagada Brit Colony, Bhubaneswar - 751018, Dist - Khurda, Odisha, **City Office:** 3R-5(F), Paradip Colony, Unit-8, Bhubaneswar-751012,Ph - 0674-2564429, 8895182352(M), 6370382637, e-mail : odishasandesh.news@gmail.com
ସମ୍ପାଦକ: ଅଜୟ ଦାସ
**Chief Editor : Harendra Kishor Das**
**Editor :Ajay Das**